## ହାତ ଖୋଲିଦେଲେ ରାଜ୍ୟ ସରକାର

# ଧର୍ମାନୁଷ୍ଠାନ ଓ ଗୋଷ୍ଠୀକେନ୍ଦ୍ର ପାଇଁ ୨.୩୪ କୋଟି ମଞ୍ଜୁର

ବାରିପଦା, ୨୪ ।୧୧(ସମିସ)




ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବାରିପଦା ପୌର ପରିଷଦ

ବାରିପଦା ପୌରପାଳିକାର ସମସ୍ତ ୨୮ଟି ୱାର୍ଡରେ ଥିବା ମଠ, ମନ୍ଦିର, ଧର୍ମାନୁଷ୍ଠାନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମେତ ବିଭିନ୍ନ ଗୋଷ୍ଠୀ କେନ୍ଦ୍ର ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏ ନେଇ ବାରିପଦା ପୌରପାଳିକା କାର୍ଯ୍ୟାଳୟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୌରପରିଷଦ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିୟାନ ଗତ ମାର୍ଚ୍ଚ ଓ ଅଗଷ୍ଟ ମାସରେ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଆସିଥିଲେ। ଏହି ସମୟରେ ବାରିପଦା ପୌରପାଳିକା ଅନ୍ତର୍ଗତ ମଠ ମନ୍ଦିର ସମେତ ବିଭିନ୍ନ ସମ୍ପ୍ରଦାୟ ଧର୍ମାନୁଷ୍ଠାନ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ତଥା ସୌନ୍ଦର୍ଯ୍ୟକରଣ ନିମନ୍ତେ ଜନସାଧାରଣ ଓ ପୌରପାଳିକା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା। ବାରିପଦାବାସୀଙ୍କ ଉଦ୍‌ବେଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀସ୍ୱତନ୍ତ୍ର ସହାୟତା ଯୋଜନାରେ ୨ କୋଟି ୩୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେ ଗୁଡିକ ହେଲା ୱାର୍ଡ ୫ ଓ ୧୬୭ର ମା' ମଙ୍ଗଳା ମନ୍ଦିର, ମଧୁବନର ବଳଙ୍ଗେଶ୍ୱର ମହାଦେବ ମନ୍ଦିର, ୱାର୍ଡ ୨୭ର ମା' ତାରିଣୀ ମନ୍ଦିର, ୱାର୍ଡ ୭ର ବାବା ବେଲେଶ୍ୱର ଶିବ ମନ୍ଦିର, ୱାର୍ଡ ୧ର ଜଳେଶ୍ୱର ମନ୍ଦିର, ୱାର୍ଡ ୨୭ର ଶିବ ମନ୍ଦିର, ବାବୁସାହିର ବୁଢ଼ାବାବା ଶିବ ମନ୍ଦିର, ରଘୁନାଥପୁର ଶିବ ମନ୍ଦିର ଆଦିର ପୁନରୁଦ୍ଧାର ପାଇଁ ୨ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ସେହିପରି ୱାର୍ଡ ୨୫ର ରାମେଶ୍ୱର ମହାଦେବ ମନ୍ଦିର, ୱାର୍ଡ ୨୩ର ଶିବ ଓ ଲକ୍ଷ୍ମୀ ନାରାୟଣ ମନ୍ଦିର, ୱାର୍ଡ ୧୧ର ଗ୍ରାମ ଦେବତୀ ମନ୍ଦିର, ୱାର୍ଡ ୧୬, ୨୩, ୧୫ ଏବଂ ୧୪ର ଇମାମବାଡ଼ା, ୱାର୍ଡ ୧୨ର ଶ୍ରୀ ଶ୍ରୀ କେଶବଚନ୍ଦ୍ର ଉପାସନାସ୍ଥଳ, ଷ୍ଟେସନ ବଜାର ସ୍ଥିତ ହନୁମାନ ମନ୍ଦିର, ୱାର୍ଡ ନମ୍ବର ୧ର ଗ୍ରାମଦେବୀ ଉଡିପାଟ ମନ୍ଦିର, ୱାର୍ଡ ୧୪ର ସୁନି ମସଜିଦ, ୱାର୍ଡ ନମ୍ବର ୨୮ର ଶିବ ମନ୍ଦିର, ୱାର୍ଡ ୨୭ର ପୁନରୁଦ୍ଧାର ନିମନ୍ତେ ୩ ଏବଂ ୱାର୍ଡ ୨୩ ଭିଆରପି କଲୋନୀର ଜଗନ୍ନାଥ ଓ ଶିବ ମନ୍ଦିର, ୱାର୍ଡ ୨୩ର ହନୁମାନ ଓ ଶିବ ମନ୍ଦିର, ୱାର୍ଡ ୫ର ଗାୟତ୍ରୀ ମନ୍ଦିର ପାଇଁ ୪ଲକ୍ଷ ଲେଖାଏଁ। ସେହିପରି ୱାର୍ଡ ୧୫ର ଲାଲପାଡ଼ ଓ ସାଲପାଡ, ୱାର୍ଡ ୨୨ର ଇମାମବାଡ଼ା, ୱାର୍ଡ ୧୦ର ଙ୍ଗଜେଶ୍ୱର ମନ୍ଦିର, ୱାର୍ଡ ନମ୍ବର ୧ର ପଞ୍ଚାନନ ମନ୍ଦିର, ୱାର୍ଡ ନମ୍ବର ୯ର ଗୁରୁଦ୍ୱାରା ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ଏବଂ ୱାର୍ଡ ନମ୍ବର ୮ର ଚୈତନ୍ୟ ପୀଠ ପାଇଁ ୬ଲକ୍ଷ ଟଙ୍କା ଏବଂ ୱାର୍ଡ ୬ର ରଘୁନାଥ ଜୀଉ ମଠ, ୱାର୍ଡ ୨୨ହରିହର ମନ୍ଦିର ପାଇଁ ୭ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ସେହିପରି ୱାର୍ଡ ନମ୍ବର ୨ର ଜଗନ୍ନାଥ ମନ୍ଦିର ଓ ମା' ଅନ୍ନପୂର୍ଣ୍ଣେଶ୍ୱରୀ ମନ୍ଦିର, ୱାର୍ଡ ୨୭ ବନବିହାରୀ ମନ୍ଦିର ପାଇଁ ୮ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସାନ ଜଗନ୍ନାଥ ମନ୍ଦିରର ମାଉସୀ ମା ମନ୍ଦିର ପାଇଁ ୧୦ଲକ୍ଷ ଟଙ୍କା, ବଡ଼ବଜାର ସ୍ଥିତ ଗୌରାଙ୍ଗ ମନ୍ଦିର ପାଇଁ ୧୨ଲକ୍ଷ ଟଙ୍କା ଏବଂ ସାନ ଜଗନ୍ନାଥ ମନ୍ଦିର ପାଇଁ ୨୦ଲକ୍ଷ ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ସେହିପରି ବାରିପଦା ପୌରପାଳିକାରେ ବିଭିନ୍ନ ସ୍ଥାନରେ କମ୍ୟୁନିଟି ସେଣ୍ଟର ନୂତନ ଭାବେ ନିର୍ମାଣ ହେବ। ଉକ୍ତ କମ୍ୟୁନିଟି ସେଣ୍ଟର ମଧ୍ୟରେ ଇସ୍କନ ଧର୍ମାଲମ୍ବୀଙ୍କ ନିମନ୍ତେ ୭ଲକ୍ଷ ଟଙ୍କା, ୱାର୍ଡ ୨୭ ନିମନ୍ତେ ୩ଲକ୍ଷ ଟଙ୍କା, କୁମ୍ଭାର ସମାଜ, କରତବସା, କୁମାର୍ସ କ୍ଲବ, ଦେବେନ୍ଦ୍ରପୁର ସାଇ ମନ୍ଦିର, ଶ୍ରୀପଦଗଞ୍ଜ ଏବଂ ମହିଳା ପ୍ରଧାନ କ୍ଷେତ୍ରୀୟ ବଚତ ଯୋଜନାର ଏଜେଣ୍ଟଙ୍କ ନିମନ୍ତେ ୫ଲକ୍ଷ ଟଙ୍କା ଲେଖାଏଁ ରହିଛି। ସାମ୍ବାଦିକ ଭବନ, କୁଡୁମି ସମାଜ ଏବଂ ଭୂୟାଁ ସମ୍ପ୍ରଦାୟର କମ୍ୟୁନିଟି ସେଣ୍ଟର ପାଇଁ ୧୦ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିବା ନେଇ ସୂଚନା ଦିଆଯାଇଛି। କିଛି ଦିନ ପୂର୍ବେ ବାରିପଦା ସହରର ମା' ଅମ୍ବିକା ମନ୍ଦିରର ସୌନ୍ଦର୍ଯ୍ୟକରଣ ନିମନ୍ତେ ୫୦ ଲକ୍ଷ ଏବଂ ରାଧାମୋହନ ମନ୍ଦିରର ମରାମତି ଓ ପୁନଃରୁଦ୍ଧାର ନିମନ୍ତେ ୨୫ ଲକ୍ଷ ଟଙ୍କା ଅନୁମୋଦନ କରିଯାଇଥିଲା। ଏହା ପୂର୍ବରୁ ବାରିପଦା ସହରର ବିଭିନ୍ନ ଧର୍ମାନୁଷ୍ଠାନ, କମ୍ୟୁନିଟି ସେଣ୍ଟର ଏବଂ ଶ୍ମଶାନ ନିମନ୍ତେ ଦେଢ କୋଟିରୁ ଉକାଟ ଅର୍ଥ ମଞ୍ଜୁର ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ମୟୂରଭଞ୍ଜ ଜିଲ୍ଲା ନିମନ୍ତେ ସମୁଦାୟ ୪କୋଟି ୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ବାରିପଦା ପୌରପାଳିକା ପାଇଁ ୨କୋଟି ୩୪ଲକ୍ଷ ଟଙ୍କା ରହିଛି। ଏଥି ସହିତ ଉକ୍ତ ଅର୍ଥରାଶିରେ ଉପର ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ନାହିଁ ପୌରପାଳିକା ପକ୍ଷରୁ ନିଜସ୍ୱ ପାଣ୍ଠିରୁ ଅତିରିକ୍ତ ଅନୁଦାନ ଯୋଗାଇ କାର୍ଯ୍ୟର ସମ୍ପୂର୍ଣ୍ଣ କରାଯିବ ବୋଲି ନଗରପାଳ ଶ୍ରୀ ମହାନ୍ତି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିପାଇଁ ହଜାର ହଜାର ଶ୍ରଦ୍ଧାଳୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉନ୍ନତି କଳ୍ପେ ଅର୍ଥ ମଞ୍ଜୁର କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିୟାନ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ରାଜ୍ୟ ବିଜୁ ଜନତା ଦଳ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ବାରିପଦାବାସୀଙ୍କ ତରଫରୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମାଦାସ ଏବଂ ସମସ୍ତ କାଉନସିଲରଗଣ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାରିପଦାରେ ନିର୍ମାଣ ହେବ ସାମ୍ବାଦିକ ଭବନ

# ଅର୍ଥ ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ



**ବାରିପଦା, ୨୪ ।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ସାମ୍ବାଦିକଙ୍କ ନିମନ୍ତେ ନିର୍ମାଣ ହେବ ଏକ ସାମ୍ବାଦିକ ଭବନ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥରାଶି ମଞ୍ଜୁର କରାଯାଇଛି; ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମର ସଦର ମହକୁମା ସାମ୍ବାଦିକ (ଜିଲ୍ଲା ପ୍ରତିନିଧି)ଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିୟାନ ଗତ ମାର୍ଚ୍ଚ ୩ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଆସିଥିଲେ। ଏହି ସମୟରେ ବାରିପଦାଠାରେ ସାମ୍ବାଦିକମାନେ ତାଙ୍କୁ ଭେଟି ବିଭିନ୍ନ ସୁବିଧା ଯୋଗାଇବା ନେଇ ଆଲୋଚନା କରିଥିଲେ। ଉକ୍ତ ସମୟରେ ରାଧାଶ୍ୟାମ ପ୍ରଧାନ, ସତ୍ୟଜିତ ସୋମ, ସୁକାନ୍ତ କୁମାର ସାହୁ, ସଞ୍ଜୟ ଚୌଧୁରୀ, ଅଭିଜିତ ମହାନ୍ତି, ଅକ୍ଷୟ ଅଗ୍ରୱାଲ, ପ୍ରୟାଗରାଜ କର, ମନୋଜ କୁମାର ପଣ୍ଡା, ଦୋଳଗୋବିନ୍ଦ ବାରିକ, ଦୀପକ କୁମାର ନାୟକ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ରୂପମ ସ୍ୱାଇଁ, ବିଶ୍ୱଜିତ ଭୂୟାଁ, ଦେବେନ୍ଦ୍ରନାଥ ଦାଶ, ହରେକୃଷ୍ଣ ପାତ୍ର, ଲଳିତ କୁମାର ବାରିକ, ଅଭିଶେକ ଖୁଣ୍ଟିଆ ଓ ସୁମିତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରି ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ତତ୍କାଳୀନ ୫-ଟି ସଚିବ ତଥା ବର୍ତ୍ତମାନର ଅଧ୍ୟକ୍ଷ ଭି କେ ପାଣ୍ଡିୟାନଙ୍କୁ ପ୍ରଦାନ କରିଯାଇଥିଲା। ଜିଲ୍ଲାର ସାମ୍ବାଦିକଙ୍କ ଆବେଦନକୁ ବିଚାର କରି ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେଇ ସାମ୍ବାଦିକ ଭବନ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ସଦର ମହକୁମା ବାରିପଦାଠାରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏଥିପାଇଁ ସରକାରୀ ସ୍ଥାନ ନିରୂପଣ ପରେ ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି କହିଛନ୍ତି। ଅଧିକ ବ୍ୟୟବରାଦ ହେଲେ ବାରିପଦା ପୌରପାଳିକା ତାହା ପୂରଣ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ସାମ୍ବାଦିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିୟାନ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ନଗରପାଳ ଶ୍ରୀ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ନାବାଳିକା ଶାଳୀ ଦୁଷ୍କର୍ମ ମାମଲାରେ ଭିଣୋଇକୁ ୧୦ ବର୍ଷ ଜେଲ୍

**ବାରିପଦା, ୨୪ ।୧୧(ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ସୁମିତା ଜେନା ଶୁକ୍ରବାର ଜଣେ ନାବାଳିକା ଶାଳୀ ଦୁଷ୍କର୍ମ ମାମଲାର ବିଚାରକରି ଅଭିଯୁକ୍ତ ଭିଣୋଇକୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୯ ମାସର କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀ ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ଥାନା ଅଞ୍ଚଳର ଜଣେ ବିବାହିତ ଯୁବକ।

ସୂଚନା ଅନୁଯାୟୀ, ଅଭିଯୁକ୍ତ ତାଙ୍କ ପତ୍ନୀଙ୍କୁ ବିବାହ ପରେ ବହୁ ସମୟରେ ନିର୍ଯାତନା ଦେଉଥିଲେ। ବିବାହ ସମୟରେ ୩୦ ହଜାର ଟଙ୍କାର ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଯୌତୁକ ନେଇଥିବା ବେଳେ ଆହୁରି ୫୦ ହଜାର ଟଙ୍କାର ଆଣିବା ପାଇଁ ନିର୍ଯାତନା ଦେଉଥିଲା। ପରେ ଅଭିଯୁକ୍ତଙ୍କ ଘରକୁ ପତ୍ନୀଙ୍କ ସାନ ଭଉଣୀ ବୁଲିବାକୁ ଆସିଥିଲେ। ଉକ୍ତ ସମୟରେ ବିଳମ୍ବିତ ରାତିରେ ନାବାଳିକାକୁ ଭିଣୋଇ ବଳପୂର୍ବକ ବାରମ୍ବାର ଦୁଷ୍କର୍ମ କରିଥିଲା। ଏ ନେଇ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବ ବୋଲି ପୀଡିତାଙ୍କୁ ଧମକ ଦେଇଥିଲା। କିଛି ଦିନ ପରେ ପୀଡିତାଙ୍କ ବାପା ଆସି ତାଙ୍କୁ ଘରକୁ ନେଇ ଯିବା ପରେ ସେ ଘଟଣା ବାବଦରେ ପରିବାର ଲୋକଙ୍କ ନିକଟରେ ଜଣାଇଥିଲା। ଏନେଇ ପୀଡିତାଙ୍କ ବାପା ବଡ଼ସାହି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ପୀଡିତା ନାବାଳିକାର ବୟାନ ରେକର୍ଡ କରିଥିଲା। ଏଥିସହିତ ପୁଲିସ ମାମଲା ରୁଜୁ କରି ଭିଣୋଇକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସର ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ସରକାରଙ୍କ ପକ୍ଷରୁ ମାମଲାକୁ ପରିଚାଳନା କରୁଥିଲେ।

# ମରାମତି ବେଳେ ଟ୍ରକ୍‌ରେ ଲାଗିଲା ନିଆଁ

**ବାରିପଦା, ୨୪ ।୧୧(ସମିସ):** ଗ୍ୟାରେଜରେ ମରାମତି କାର୍ଯ୍ୟ ହେଉଥିବା ବେଳେ ହଠାତ ଏକ ଟ୍ରକରେ ନିଆଁ ଲାଗି ଯାଇଗଲା। ବାରିପଦାର ପାଲବଣିଠାରେ ଜାତୀୟ ରାଜପଥ କଡ଼ରେ ଥିବା ଏକ ଗ୍ୟାରେଜରେ ଏକ ଟ୍ରକର ମରାମତି କାର୍ଯ୍ୟ ଚାଲିଥିଲା। ଉକ୍ତ ସମୟରେ ଟ୍ରକରେ ୱେଲଡିଂ କାର୍ଯ୍ୟବେଳେ ହଠାତ୍ ନିଆଁ ବାହାରିଥିଲା। କିଛି ସମୟ ମଧ୍ୟରେ ଟ୍ରକର ସମ୍ମୁଖ ଭାଗକୁ ନିଆଁ ବ୍ୟାପୀଯାଇଥିଲା। ଏ ନେଇ ତୁରନ୍ତ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗର ଖବର ଦେଇଥିଲେ। ପରେ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ୨୦ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ନେଇ ଅଗ୍ନିଶମ ବିଭାଗ ଅଧିକାରୀ ଭବେନ୍ଦ୍ର ନାଥ ଦେ ସୂଚନା ଦେଇଛନ୍ତି।

## ଉତ୍ତରାଖଣ୍ଡରେ ନିର୍ମାଣାଧୀନ ଟନେଲ ଭୁଶୁଡ଼ିବା ଘଟଣା

# ଉତ୍ତର କାଶୀ ଗଲେ ଶ୍ରମିକଙ୍କ ସମ୍ପର୍କୀୟ ଭାଇ



**ବାରିପଦା, ୨୪ ।୧୧(ସମିସ):** ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣାଧୀନ ଟନେଲ୍ ଭୁଶୁଡିବା ଯୋଗୁ ସେଥିରେ ୪୧ଜଣ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ଓଡ଼ିଶାର ଶ୍ରମିକ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ୩ ଜଣ ରହିଛନ୍ତି। ଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶ୍ରମ ବିଭାଗ ଶ୍ରମିକଙ୍କ ସମ୍ପର୍କୀୟଙ୍କୁ ଘଟଣାସ୍ଥଳକୁ ଶୁକ୍ରବାର ପ୍ରେରଣ କରିଛନ୍ତି। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ରିଲିଫ ଓ ଉଦ୍ଧାର ଜାରି ରଖିଛନ୍ତି। ତେବେ ୧୩ ଦିନ ହେବ ଟନେଲ ମଧ୍ୟରେ ଫସିଥିବା ମୟୂରଭଞ୍ଜ ଜିଲ୍ଲାର ଶ୍ରମିକଙ୍କ ପରିବାର ଲୋକେ ଫୋନ ଯୋଗେ କଥା ହୋଇଥିଲେ ମଧ୍ୟ ଚିନ୍ତାରେ ରହିଛନ୍ତି। ତେଣୁ ଶ୍ରମିକଙ୍କ ସମ୍ପର୍କୀୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଘଟଣାସ୍ଥଳକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ସୂଚନା ପାଇବା ପରେ ମୟୂରଭଞ୍ଜ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଫସି ରହିଥିବା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଯୋଗୀବନ୍ଧ ଗ୍ରାମର ବିଶେଶ୍ୱର ନାଏକଙ୍କ ସମ୍ପର୍କୀୟ ବିମଳ ନାଏକ ଏବଂ ବେଢ଼ାକୁଦର ଗ୍ରାମର ଧିରେନ ନାଏକଙ୍କ ସମ୍ପର୍କୀୟ ଚିତ୍ତରଞ୍ଜନ ନାଏକଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ଦୁଇ ଜଣ ସମ୍ପର୍କୀୟ ଭାଇଙ୍କୁ ବାରିପଦା ସ୍ଥିତ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଆଣି ତାଙ୍କ ସହିତ ଆଲୋଚନା କରିଥିଲେ। ଏଥିପରେ ବିଭାଗୀୟ ଗାଡି ଯୋଗେ ଭୁବନେଶ୍ୱର ନିଆଯାଇ ସେଠାରୁ ବିମାନ ଯୋଗେ ଉତ୍ତରାଖଣ୍ଡ ରାଜ୍ୟର ଉତ୍ତରକାଶୀଠାରେ ଟନେଲ ଦୁର୍ଘଟଣାଗ୍ରସ୍ତ ସ୍ଥାନକୁ ନିଆଯାଇଛି। ଉଦ୍ଧାର ପାଇବା ପରେ ଶ୍ରମିକ ମାନେ ପ୍ରଥମେ ତାଙ୍କ ସମ୍ପର୍କୀୟଙ୍କୁ ଭେଟିବା ନେଇ ବ୍ୟବସ୍ଥା କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଶ୍ରମିକ ସମ୍ପର୍କୀୟମାନେ ପ୍ରଶଂସା କରିଛନ୍ତି। ସୂଚନା ଅନୁଯାୟୀ, ସିଲ୍‌କ୍ୟାରାରୁ ଉତ୍ତରାଖଣ୍ଡ ଉତ୍ତରକାଶୀର ଦଣ୍ଡଲ ଗାଁକୁ ସଂଯୋଗ କରିବା ପାଇଁ ଏହି ସୁଡଙ୍ଗ ନିର୍ମାଣ କରାଯାଉଥିଲା। ଚାର୍ ଧାମ ରୋଡ୍ ପ୍ରକଳ୍ପ ଅଧୀନରେ ଉକ୍ତ ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ସାଢେ ୪ କିମି ଟନେଲର ୧୫୦ ମିଟର ଲମ୍ବର ଅଂଶ ଭୁଶୁଡ଼ି ପଡ଼ିଛି। ଦୁର୍ଭାଗ୍ୟବଶତଃ ନିର୍ମାଣାଧୀନ ଅବସ୍ଥାରେ ଟନେଲଟି ଭୁଶୁଡି ପଡ଼ିଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବେଢ଼ାକୁଦର ଗ୍ରାମର ଧିରେନ ଓ ଯୋଗୀବନ୍ଧ ଗ୍ରାମର ବିଶେଶ୍ୱର ନାଏକ ଏବଂ ତିରିଂ ଥାନା ଅନ୍ତର୍ଗତ କୁଲଦିଆ ବଡକେଡମ ଗ୍ରାମର ରାଜୁ ନାଏକ ଫସି ରହିଛନ୍ତି। ତେବେ ଟନେଲ ଭିତରେ ଫଶିଥିବା ସମସ୍ତ ଶ୍ରମିକ ସୁରକ୍ଷିତ ଥିବା ଜଣାପଡ଼ିଛି।

# ଶ୍ୟାମରାୟ ମହାପ୍ରଭୁଙ୍କ ନୂତନ ମନ୍ଦିର ଭୂମିପୂଜା

**କୁଆମରା, ୨୪।୧୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ଗଡ଼ସାହିଠାରେ ଶୁକ୍ରବାର ଶ୍ୟାମରାୟ ମହାପ୍ରଭୁଙ୍କ ନୂତନ ମନ୍ଦିର ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମହାପ୍ରଭୁଙ୍କ ସ୍ଥାୟୀ ଜମି ନ ଥିବାବେଳେ ଗ୍ରାମର ପ୍ରାଣକୃଷ୍ଣ ପାଢ଼ୀ ଠାକୁରଙ୍କ ନିମନ୍ତେ ଜମିଦାନ କରିଛନ୍ତି। ପ୍ରଭୁଙ୍କ ଭକ୍ତ ଗୌରଚନ୍ଦ୍ର ଦାସଙ୍କ ଦ୍ୱାରା ଏହି କାର୍ଯ୍ୟ ଶୁଭାରମ୍ଭ ହୋଇଛି। ପ୍ରାଣକୃଷ୍ଣ ପାଢ଼ୀ ଓ ତାଙ୍କର ସହଧର୍ମିଣୀ କୌଶଲ୍ୟାଙ୍କ ଦ୍ୱାରା ସଂକଳ୍ପ କାର୍ଯ୍ୟ ହୋଇଥିଲା। ରବୀନ୍ଦ୍ର ନାଥ ମିଶ୍ର ଓ ସିଦ୍ଧେଶ୍ୱର ଦ୍ୱିବେଦୀ ପୂଜାପାଠ କରି ଭୂମି ପୂଜନ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

# ହିତାଧିକାରୀଙ୍କୁ ଭତ୍ତା ପୁସ୍ତିକା ବଣ୍ଟନ



**ବାରିପଦା, ୨୪ ।୧୧(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଭତ୍ତା ପୁସ୍ତିକା ବଣ୍ଟନ କରାଯାଇଛି। ଏହି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାରିପଦା ପୌରପାଳିକା ପକ୍ଷରୁ ୱାର୍ଡ ନମ୍ବର ୨୫ର ପାଲବଣିଠାରେ ୨୫ଜଣ ହିତାଧିକାରୀଙ୍କୁ ପୁସ୍ତିକା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ହିତାଧିକାରୀଙ୍କ ସହ ଆଲୋଚନା କରି ପୁସ୍ତିକା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ, ବିଧବା ଆଦି ହିତାଧିକାରୀଙ୍କ ହିତସାଧନ ନିମନ୍ତେ ଯୋଗାଇ ଦିଆଯାଇଥିବା ଭତ୍ତା ପୁସ୍ତିକା ପ୍ରଦାନ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର କର୍ମଚାରୀ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଏମ୍‌ସିଏମ୍ କଲେଜରେ ସ୍ୱାଗତ ଉତ୍ସବ

**ବାରିପଦା, ୨୪ ।୧୧(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ) କଲେଜ ଶିକ୍ଷା ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟା ସୁଜାତା ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତଙ୍କୁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ଉପଦେଶ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ କର୍ତ୍ତବ୍ୟ ପାରାୟଣ ହେବା ନିମନ୍ତେ ପ୍ରେରଣା ଦେଇଥିଲେ। ଦର୍ଶନଶାସ୍ତ୍ର ବିଭାଗ ଅଧ୍ୟାପିକା କବିତା ସାହୁ ଓ ଇତିହାସ ବିଭାଗ ଅଧ୍ୟାପିକା ପ୍ରତିଭା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଏବଂ ଶିକ୍ଷା ଏକ ମନୁଷ୍ୟ ଜୀବନରେ ଅମୂଲ୍ୟ ସମ୍ପଦ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତ ପାଇଁ ଶିକ୍ଷାକୁ ନିଜର ଲକ୍ଷ୍ୟ ବନାନ୍ତୁ ପରାମର୍ଶ ଦେଇଥିଲେ। ମିସ ଫ୍ରେଶର୍ଷ ଓ ମିଷ୍ଟର ଫ୍ରେସର୍ସ ଭାବେ ଅନିମା ସେଠୀ ଓ ସଞ୍ଜୟ ମହାନ୍ତ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ବିଭାଗୀୟ ଅଧ୍ୟାପିକା ସସ୍ମିତା ସି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗଦ୍ଧାତ୍ରୀ ମେଳା ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା



**ବାରିପଦା, ୨୪ ।୧୧(ସମିସ):** ଭଞ୍ଜପୁର ସ୍ଥିତ କୁମାର୍ସ କ୍ଲବ ପରିସରରେ ଜଗଦ୍ଧାତ୍ରୀ ପୂଜା ଓ ମେଳା ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ସ୍ତରରେ ୭୩ ଜଣ ଓ ମହାବିଦ୍ୟାଳୟରୁ ୩୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି। ଆଲୋକ ବାରିକ, ସନୁ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ତଥା ଅଭିନେତା ଶାନ୍ତନୁ ସିଂହ, ସଙ୍ଗୀତ ଗୁରୁ କଳ୍ପନା ମହାନ୍ତି ଓ ସଞ୍ଜୟ ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ବାଦ୍ୟ ଯନ୍ତ୍ରରେ ବିଭୂତି ଭୂଷଣ ବେହେରା ଓ ଶେଖ ସରଓଫତୁଲ୍ଲା ସହାୟତା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାଂସ୍କୃତିକ ମଞ୍ଚରେ ପୁରସ୍କୃତ କରାଯିବ ବୋଲି ସାଂସ୍କୃତିକ ସମ୍ପାଦକ ପ୍ରୀତମ ପଣ୍ଡା କହିଛନ୍ତି। ଗତ ୩ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମସ୍ତ ଛାତ୍ରଛାତ୍ରୀ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସହିଦ ସ୍ମୃତି ଭବନରେ ସ୍ମୃତି ବକ୍ତୃତାମାଳା

# ସହରକୁ ନୂଆରୂପ ଦେବାରେ ଅଜୟ ଦାଶଙ୍କ ଭୂମିକା ଅତୁଳନୀୟ

ବାରିପଦା, ୨୪।୧୧(ସମିସ)



ବାରିପଦା ସହରକୁ ନୂଆରୂପ ଦେବାରେ ସ୍ୱର୍ଗତ ଅଜୟ କୁମାର ଦାଶଙ୍କ ଭୂମିକା ଅତୁଳନୀୟ ବୋଲି ଗୁରୁବାର ସନ୍ଧ୍ୟାରେ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବକ୍ତାମାନେମତବ୍ୟକ୍ତ କରିଛନ୍ତି। ବାରିପଦା ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାଶଙ୍କ ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମୃତି ବକ୍ତୃତାମାଳା ସଭାରେ ବକ୍ତାମାନେ ଏହା କହିଛନ୍ତି। ସେ ଦୁଇ ଥର ପୌରାଧ୍ୟକ୍ଷ ସାଙ୍ଗକୁ ରାଜ୍ୟର ବିଭିନ୍ନ ନିଗମର ସଦସ୍ୟ, ଅର୍ବାନ ବ୍ୟାଙ୍କର ୩ ଥର ନିର୍ଦ୍ଦେଶକ, ରୋଟାରୀ କ୍ଲବ ସଭାପତି, ଆଇନ ମହାବିଦ୍ୟାଳୟ ବୋର୍ଡ଼ର ସଭାପତି ଦାୟିତ୍ୱ ନିଷ୍ଠାର ସହିତ ତୁଲାଇ ଜିଲ୍ଲାବାସୀଙ୍କ ପ୍ରିୟଭାଜନ ହୋଇଥିଲେ। ତାଙ୍କର ନିଆରା ରାଜନୀତି, କର୍ମସଂସ୍କୃତି, ଦୂରଦୃଷ୍ଟି ଓ ଆତ୍ମବିଶ୍ୱାସ ପାଇଁ ସେ କାହାରି ଆଗରେ ମୁଣ୍ଡ ନୁଆଁଇ ନ ଥିଲେ। ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ବିଭାଗର ପୂର୍ବତନ ସଚିବ ଡ ଅରୁଣ ରଥ, ମୁଖ୍ୟବକ୍ତା ଭାବେ ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡା ଦୀନେଶ ଷଡ଼ଙ୍ଗୀ, ବାରିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅବନୀ ମହାନ୍ତ ଓ ଉଦଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ବାରିପଦା ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମାଟ୍ରିକ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଭିନ୍ନ ବର୍ଗର ତିନି କୃତୀ ଛାତ୍ର ଦେବରାଜ ସିଂ, ପୁଷ୍ପିତା ବେହେରା ଓ ସାଇଜ୍ୟୋତି ମହାନ୍ତିଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଶରତ ରଜତନଗରର ଜଣେ କର୍କଟ ରୋଗୀଙ୍କୁ ମଧ୍ୟ ଆର୍ôଥକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ରାଜନୀତି କ୍ଷେତ୍ରରେ ପୂର୍ବତନ ବିଧାୟକ ନିରଞ୍ଜନ ହେମ୍ବ୍ରମ ଓ ମଙ୍ଗଳ ସିଂ ମୋଦୀ, କ୍ରୀଡ଼ା କ୍ଷେତ୍ରରେ ବଡିବିଲଡର ବିକ୍ରମ ରାଉତ, ସନ୍ତରଣ ପ୍ରତିଯୋଗୀ ବି ଖାତୁନ ଓ ଫୁଟବଲ ଖେଳାଳି ଅମୂଲ୍ୟ ମିଶ୍ର, ସାହିତ୍ୟରେ ବଟକୃଷ୍ଣ ସାମଲ ଓ ଲୋକନାଥ ମିଶ୍ର, ଚାରୁକଳାରେ ଚାରୁଚନ୍ଦ୍ର ଦାସ ଏବଂ ସାମାଜିକ କ୍ଷେତ୍ରରେ ଶତାୟୁ ସାମ୍ବାଦିକ/ଫଟୋଗ୍ରାଫର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଓ ଲୋକନାଥ ମିଶ୍ରଙ୍କୁ ସ୍ମୃତି କମିଟି ପକ୍ଷରୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ଧର୍ମ ପତ୍ନୀ ସୁମତି ବାଳା ଦାଶ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଉପହାର ପ୍ରଦାନ କରିଥିଲେ। ଆଶିଷ କୁମାର ବସା ସ୍ୱାଗତ ଅଭିଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଛୁଆ ଚୋରି କରୁଥିବା ବାବା ଗିରଫ

**ବଡ଼ବିଲ, ୨୪।୧୧(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଞ୍ଚଳରେ ଦିନକୁ ଦିନ ଚୋରି ଘଟଣା ବଢୁଥିବା ବେଳେ ଆଜି ଛୁଆ ଚୋରି କରୁଥିବା ଅଭିଯୋଗରେ ୪ ଜଣକୁ ଭଦ୍ରାସାହିରୁ ପୁଲିସ ଧରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ବାବା ବେଶରେ କିଛି ଅଣଓଡ଼ିଆ ଲୋକ ବଡ଼ବିଲ ଅଞ୍ଚଳରେ ବୁଲି ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟ କରୁଥିବା ବେଳେ ଆଜି ଭଦ୍ରାସାହିରୁ ଦୁଇ ଜଣ ଛୁଆଙ୍କୁ ଜଣେ ବାବା ଚକଲେଟର ପ୍ରଲୋଭନ ଦେଖେଇ ପାଖକୁ ଡାକୁଥିବା ବେଳେ



ଅନ୍ୟ ଜଣେ ତାଙ୍କୁ ଛୁରି ଦେଖେଇ ଭୟଭୀତ କରି ନେଇଯାଉଥିବା ସମୟରେ ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ଛୁଆମାନଙ୍କୁ ଉଦ୍ଧାର କରିବା ସହ ଉତ୍ତରପ୍ରଦେଶ ଅଞ୍ଚଳର ୪ ଜଣ ମୁସଲମାନ ଫକୀର ବାବାଙ୍କୁ ପୁଲିସର ଜିମା ଦେଇଥିବା ଜଣାପଡ଼ିଛି।

## ବ୍ୟାପକ ମହୁଲି ଜବତ; ୩ ଗିରଫ

**ତେଲକୋଇ, ୨୪।୧୧(ସମିସ):** ତେଲକୋଇ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ତିନି ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୨୩ଲିଟର ଦେଶୀ ମହୁଲି ମଦ ଜବତ କରାଯିବା ସହିତ



୭୫୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟୁଙ୍ଗୁରୁ ବାହାଳ ଗ୍ରାମର ରାମଚନ୍ଦ୍ର ଅମାନ୍ତ (୩୩), ସିରିଆ ବାହାଳ ଗ୍ରାମର ସରୋଜିନୀ ମହାକୁଡ଼ (୪୫) ଓ ଜନସନ୍‌ପୁର୍ ଗ୍ରାମର ଲକ୍ଷ୍ମୀଧର ଦେହୁରୀ (୨୧)। ଏହି ଚଢ଼ଉରେ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ସହ ଅଧିକାରୀ ରଞ୍ଜନ କୁମାର ପାତ୍ର, କନଷ୍ଟେବଲ ମାଣିକ ସାମୁରାଇ, ଗୀତାଞ୍ଜଳି ସାମଲ ସାମିଲ ହୋଇଥିଲେ।

## ଆନନ୍ଦପୁର ବ୍ୟାରେଜ ଏଫ୍‌ଏଙ୍କ ବିୟୋଗରେ ଶୋକ

**ଆନନ୍ଦପୁର, ୨୪।୧୧(ସମିସ):** ଆନନ୍ଦପୁର ବ୍ୟାରେଜ ଡିଭିଜନ କାର୍ଯ୍ୟାଳୟର ଫାଇନାନ୍ସିଆଲ୍ ଆଡଭାଇଜର ଅକ୍ତର ମଲ୍ଲିକଙ୍କ ବିୟୋଗରେ ଜଳ ସମ୍ପଦ ବିଭାଗର କର୍ମଚାରୀଙ୍କ ମହଲରେ ଶୋକ ପ୍ରକାଶ ପାଇଛି। ସେ ଗତ କଛି ଦିନ ତଳେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏହି ଖବର ଜଣାପଡ଼ିବା ପରେ କର୍ମଚାରୀମାନେ ଏକ ଶୋକ ସଭା ଆୟୋଜନ କରିଥିଲେ। ଆନନ୍ଦପୁର ମୁଖ୍ୟ ନିର୍ମାଣଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟାରେଜ ଡିଭିଜନ, କେନାଲ ଡିଭିଜନ, ବୈତରଣୀ ଡିଭିଜନର ସମସ୍ତ କର୍ମଚାରୀ ଓ ବ୍ୟାରେଜ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ସ୍ନେହାଶିଷ ବେହେରା ଯୋଗଦେଇ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ସଭାରେ କର୍ମଚାରୀ ମୋହନ ଚରଣ ବିନ୍ଧାଣି, ଚିନ୍ତାମଣି ନାୟକ, ବିଜୟ ସେଠୀ, ରାମଚନ୍ଦ୍ର ପାଢ଼ୀ, ରତିକାନ୍ତ ପତି, ରାଜେନ୍ଦ୍ର ନାୟକ ସିପୁରଞ୍ଜନ ନାୟକ, ରଞ୍ଜନ ଭୂୟାଁ, ବିଭୁ ପ୍ରସାଦ ଦାସ, ମୁନୁ ବେହେରା, ସୁରେନ୍ଦ୍ର ମଲ୍ଲିକ, ପୁରୁଷୋତ୍ତମ୍ ଧଡ଼ା, ସବିତା ସାମଲ, ସୁମିତ୍ରା ଜେନା ପ୍ରମୁଖ ଯୋଗଦେଇଥିଲେ।



# ସୁଲଣ ଓ ଜଳସରପୁରରେ ଆରମ୍ଭ ହେଲା ବାଲିଯାତ୍ରା

**ଛେନାପଦି, ୨୪।୧୧(ସମିସ)**

ଐତିହ୍ୟପୂର୍ଣ୍ଣ ବାଲିଯାତ୍ରା ପାଇଁ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସୁଲଣ ପଞ୍ଚାୟତର ସୁଲଣ ଓ ଜଳସରପୁର ଗ୍ରାମ ବେଶ୍ ପରିଚିତ ଥିବା ବେଳେ ଏଠାରେ ମାଆ ବାଲି ଠାକୁରାଣୀଙ୍କ ପୂଜାପର୍ବଟି ଗତ ପ୍ରାୟ ୨ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇଆସୁଛି।

ଲୋକ କଥାନୁସାରେ, ହାଟଡ଼ିହି ବ୍ଲକ ଅନ୍ତର୍ଗତ ଆମ୍ରୋ ଗଡ଼ର ରାଜା ବାଲିଯାତ୍ରା ଦେଖିବାକୁ କଟକ ଯାଇଥିଲେ। ସେଠାରୁ ସେ ମା' ବାଲି ଠାକୁରାଣୀଙ୍କୁ ନିଜ ଗଡ଼ର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜା କରିବାକୁ ମନସ୍ଥ କରି ନିଜର ପୂଜା ବଳରେ ପ୍ରସନ୍ନ ପୂର୍ବକ ନିଜ ଗଡ଼କୁ ଆଣି ଆସିଥିଲେ। ଆମ୍ରୋ ରାଜାଙ୍କ ନିକଟରେ ସୁଲଣ ଗ୍ରାମର ଜଣେ ବ୍ୟକ୍ତି ଦ୍ୱାରପାଳ ଭାବେ ନିୟୋଜିତ ହୋଇ କାର୍ଯ୍ୟ କରୁଥିଲେ। ଆମ୍ରୋ ରାଜା ମା'ଙ୍କୁ ପୂଜା କରୁଥିବା ଦେଖି ସେ ମା'ଙ୍କୁ ନିଜ ସାଧନା ବଳରେ ପ୍ରସନ୍ନ କରି ରାଜାଙ୍କ ଅଗୋଚରରେ ସୁଲଣ ଗ୍ରାମକୁ ନେଇ ଆସିଥିଲେ। କିନ୍ତୁ କଟକରେ ପ୍ରତିବର୍ଷ ଅନୁଷ୍ଠିତ ବାଲିଯାତ୍ରା ପରି ସୁଲଣ ଗ୍ରାମରେ ପ୍ରତି ୫ବର୍ଷରେ ଥରେ



ବାଲିଯାତ୍ରା ପାଇଁ ମା' ବାଲି ଠାକୁରାଣୀ ନିର୍ଦ୍ଦେଶ ଦେଇଥିଲେ। ମା'ଙ୍କ ଆଜ୍ଞା କ୍ରମେ ସୁଲଣ ଗ୍ରାମବାସୀ ଏକତ୍ରିତ ହୋଇ ମା'ଙ୍କ ପୂଜାର୍ଚ୍ଚନା କରିଆସୁଥିଲେ। କାଳକ୍ରମେ ଜଳସରପୁର ଗ୍ରାମବାସୀ ମା' ବାଲି ଠାକୁରାଣୀଙ୍କ ପୂଜା ଉତ୍ସବଟିକୁ ଏକତ୍ର ଭାବେ ସୁଲଣ ଗ୍ରାମରେ ନ କରିବାକୁ ନିଷ୍ପତି ନେଇଥିଲେ। ପରେ ବିଭାଜନ ହୋଇ ବର୍ତ୍ତମାନ ପୃଥକ ଭାବେ ୨ଗ୍ରାମରେ ମା'ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି।

ଗ୍ରାମବାସୀଙ୍କ କହିବାନୁସାରେ, ଏହି ପୂଜା ଉତ୍ସବଟି ମାର୍ଗଶିର ମାସ ପହିଲି ଗୁରୁବାରରେ ଅନୁଷ୍ଠିତ ହୋଇଥାଏ। ନିକଟସ୍ଥ ବୈତରଣୀ ନଦୀରୁ ବାଲି ଓ କଳସ ଅଣାଯାଇ ମା'ଙ୍କ ପୂଜା ଆସ୍ଥାନରେ ସ୍ଥାପନ କରାଯାଏ ଏବଂ ୯ଦିନ ଧରି

**ପ୍ରତି ୫ବର୍ଷରେ ଅନୁଷ୍ଠିତ ହୁଏ ଐତିହାସିକ ବାଲିମେଳା**

**ବୈତରଣୀ ନଦୀ ଜଳରେ ମାଜଣା ହୁଅନ୍ତି ମା' ବାଲି ଠାକୁରାଣୀ**

ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ସର୍ବ ନୀତିକାନ୍ତିରେ ହୋଇଥାଏ। ଏଥିରେ ୨ଟି ଗ୍ରାମର ପ୍ରତ୍ୟେକ ପରିବାର ନିଜ ସକ୍ଷମ ଅନୁସାରେ ଅର୍ଥ ପ୍ରଦାନ କରି ଏହି ପୂଜାକାର୍ଯ୍ୟ କରିଥାନ୍ତି। ପାଞ୍ଚବର୍ଷରେ ଥରେ ଏହି ଐତିହ୍ୟପୂର୍ଣ୍ଣ ବାଲିଯାତ୍ରା ଅନୁଷ୍ଠିତ ହେଉଥିବା ଯୋଗୁଁ ଏଠାକୁ ବିଭିନ୍ନ ଆତୁ ଭଳିକି ଭଳି ଦୋକାନ ବଜାର ସହ ଦୋଳି, ଖେଳନା, ମନୋହରୀ ଦୋକାନ, ମନୋରଞ୍ଜନ ପାଇଁ ଯାତ୍ରାପାର୍ଟି ଆଦିର ବ୍ୟବସ୍ଥା ହୋଇଥିବା ନେଇ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଆଗାମୀ ୯ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ବେଳେ ଏହି ବାଲିଯାତ୍ରାକୁ ପୂଜା କମିଟିର ସମସ୍ତ ସଦସ୍ୟ ଖୁବ୍ ଦାୟିତ୍ୱର ସହ ସମ୍ପାଦନ କରୁଥିବା ଦେଖାଯାଇଛି। ପାଞ୍ଚବର୍ଷରେ ଥରେ ଅନୁଷ୍ଠିତ ଏହି ବାଲିଯାତ୍ରା ଉତ୍ସବ ପାଇଁ ସୁଲଣ ପଞ୍ଚାୟତରେ ଥିବା ପ୍ରତ୍ୟେକଟି ଗାଁର ପ୍ରତିଟି ଘରକୁ କୁଣିଆଁ ମୈତ୍ରଙ୍କ ଭିଡ଼ ଲାଗିରହୁଥିବା ବେଳେ ଆଖପାଖ ଅଞ୍ଚଳରୁ ୯ଦିନ ଧରି ଲୋକଙ୍କ ସମାଗମ ହୋଇଥାଏ।

## ହାଟଡ଼ିହି କଲେଜରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ




**ଛେନାପଦି, ୨୪।୧୧(ସମିସ)**

କେନ୍ଦୁଝର ଜିଲ୍ଲା ହାଟଡ଼ିହି ଆଞ୍ଚଳିକ ମହାବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା ବେଳେ ଏଥିରେ ସଂଯୋଜକ ଭାବେ ପ୍ରାଧ୍ୟାପକ ବିଜୟ କୁମାର ନାୟକ, କ୍ରୀଡ଼ା ସଂଯୋଜକ ଭାବେ ଗୌରାଙ୍ଗ ଚରଣ ନାୟକ, ସଂସ୍କୃତି ସଂଯୋଜକ ଭାବେ ଅଜୟ କୁମାର ଦାସ ଓ ସାମାଜିକ କାର୍ଯ୍ୟକ୍ରମର ସଂଯୋଜକ ଭାବେ ବିଶ୍ୱରଞ୍ଜନ ଜେନା ପ୍ରମୁଖ ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରତିଟି ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କଳା ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଆନୁଷ୍ଠାନିକ ଭାବେ ଏହା ଉଦ୍‌ଘାଟନ ହୋଇ ବୁଧବାର ରଚନା, କବିତା ସହ ଇଂରାଜୀ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତହୋଇଥିଲା।

ସେହିପରି ଗୁରୁବାର ରଙ୍ଗୋଲୀ, ଝୋଟି ଚିତା, ଚିତ୍ରାଙ୍କନ ଏବଂ ଓଡ଼ିଆ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ନାଚ, ଗୀତ, ହାସ୍ୟାଭିନୟ, ମେହେନ୍ଦି ଓ କାର୍ଟୁନ୍ ଭଳି ମନୋରଞ୍ଜନ ଭିତ୍ତିକ ପ୍ରତିଯୋଗିତା ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତାମାସ ୧୨ତାରିଖରୁ ୪ ଦିନ ଏବଂ ଶେଷ ପର୍ଯ୍ୟାୟ ୧୮, ୧୯, ୨୦, ୨୧, ୨୨ ଓ ୨୪ ତାରିଖରେ ଅନୁଷ୍ଠିତ ବୋଲି ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ରବି ନାରାୟଣ ବିଶ୍ୱାଳ, ଅଧ୍ୟାପକ ସନାତନ ଖୁଣ୍ଟିଆ, ବୃନ୍ଦାବନ ଓଝା, ରବୀନ୍ଦ୍ର ନାଥ ଜେନା, ମିନତୀ ବାସ୍କେ, ମେନକା ଧୁରୁଆ, ନିଲମ୍ ସ୍ୱାଇଁ, ପ୍ରଣୟ କୁମାର ନାୟକ, ଲିପ୍ସା ପ୍ରିୟଦର୍ଶିନୀ ବେହେରା, ମହାଶ?ବେତା ଶର୍ମା, ପୂର୍ଣ୍ଣଚନ୍ଦ୍ର ବେହେରା, ଚକ୍ରଧର ଦାସ, ଜଳଧର ଦାସ, ଅଞ୍ଜନ ମହାନ୍ତି, ସ୍ୱାଗତିକା ନାୟକଙ୍କ ସହ କ୍ରୀଡ଼ା ଶିକ୍ଷକ ଅବିନାଶ ରାଉତ, ଗଙ୍ଗାଧର ପରିଡ଼ା, ଅନନ୍ତ ଚନ୍ଦ୍ର ବେହେରା, ସନାତନ କର, ଶିବପ୍ରିୟା ଧଳ ପ୍ରମୁଖ ପରିଚାଳନା କରିଥିଲା ବେଳେ ଏଥିରେ ବିଭୂତି ପହି, ରଞ୍ଜନ ଜେନା, ରଘୁନାଥ ରାଉତ, ସତ୍ୟାନନ୍ଦ ନାୟକ, ସୌଭାଗ୍ୟ ଯେନା, ପାଗୁ ଯେନା, ରଞ୍ଜିତ, ଭାଗ୍ୟଲକ୍ଷ୍ମୀ ନାୟକ, ସରିତା ପଣ୍ଡା, ପ୍ରଶାନ୍ତ ମୁଖୀ ଓ କାଳିଆ ମୁଖୀ ପ୍ରମୁଖଙ୍କ ସହ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ

**ବଡ଼ସାହି, ୨୪।୧୧(ସମିସ):** ବଡ଼ସାହି ଥାନା ଅଧୀନ ବଡ଼ସାହି ଗ୍ରାମର ଜୟନ୍ତୀ ଦାସଙ୍କୁ ତାଙ୍କ ସ୍ୱାମୀ ରତନ କୁମାର ପୃଷ୍ଟି ବାପ ଘରୁ ଅଧିକ ଯୌତୁକ ଦାବିକରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାଙ୍କ ଶାଶୂ ମଧ୍ୟ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ବାସନ୍ତୀ ବାପା ଘରେ ଆଶ୍ରୟ ନେଉଥିଲେ। କୌଣସି ଆପୋଷ ସମାଧାନ ନ ହେବାରୁ ସେ ନ୍ୟାୟ ପାଇଁ ଥାନାରେ ଆଶ୍ରୟ ନେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ନାବାଳିକା ଅପହରଣ ଅଭିଯୋଗ

**ବଡ଼ସାହି, ୨୪।୧୧(ସମିସ):** ବଡ଼ସାହି ଥାନା ଅଧୀନ ଦୁର୍ଗାପୁର ପଞ୍ଚାୟତ ଦଲକି ଗ୍ରାମର ଜଣେ ନାବାଳିକାକୁ ଅପହରଣ ସହିତ ଅସଦାଚରଣ କରାଯାଇଥିବା ନେଇ ତାଙ୍କ ମା ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ରଞ୍ଜିତ ମିର୍ଦ୍ଧାଙ୍କ ପୁଅ ପିଣ୍ଟୁ।

### ଅପହଞ୍ଚ ହେନ୍ଦେଦା ଓ ବୁରୁଡ଼ିହି ଗାଁର ମୌଳିକ ସମସ୍ୟା ବୁଝିଲାନି ପ୍ରଶାସନ

## ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲା ମାସା ଆର୍ମି



**ବିଶୋଇ, ୨୪।୧୧ (ସମିସ):** ଅପହଞ୍ଚ ଗ୍ରାମର ଆଦିବାସୀଙ୍କ ମୌଳିକ ସମସ୍ୟା ବୁଝିଲାନି ପ୍ରଶାସନ। ଶେଷରେ ବ୍ଲକ ଅଫିସରେ ତାଲା ପକାଇବାକୁ ବାଧ ହେଲା ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବିଶୋଇ ବ୍ଲକରେ। ସୂଚନାଥାଉ କି, ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତର ହେନ୍ଦେଦା ଓ ବୁରୁଡ଼ିହି ଗାଁ ଅପହଞ୍ଚ ହୋଇଥିବାରୁ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି; କିନ୍ତୁ କୌଣସି ଫଳ ମିଳିନାହିଁ। ଗତ ୭ ତାରିଖରେ ବାମନଘାଟି ଶାଖା ମାସା ଆର୍ମି ପକ୍ଷରୁ ବିଡ଼ିଓ ସଂଯୁକ୍ତା ବାଆଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ୧୫ ଦିନ ମଧ୍ୟରେ ଏହି ଦୁଇ ଗ୍ରାମରେ ମୌଳିକ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଥିଲା; କିନ୍ତୁ କୌଣସି ସମସ୍ୟା ସମାଧାନ ନ ହେବାରୁ ଶୁକ୍ରବାର ସଂଗଠନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ସଂଗଠନ ବାମନଘାଟି ସଭାପତି ସୁନୀଲ ସୋରେନଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ମାସାଙ୍ଗ ହେମ୍ବ୍ରମ, ରାଇରଙ୍ଗପୁର ଟାଉନ ସଭାପତି ରାମ ମୁର୍ମୁ, କାର୍ଯ୍ୟକାରୀ ସମ୍ପାଦକ ଜଗନ୍ନାଥ ମୁର୍ମୁ, ଜିଲ୍ଲା ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ଟୁଡୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି କୁଟିଆ ଟୁଡୁ, ମଧୁସୂଦନ ହେମ୍ବ୍ରମ ସମେତ ଶତାଧିକ କର୍ମୀ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନରେ ବସିଥିଲେ। ପରେ ଏବିଡ଼ିଓ ହେମନ୍ତ କୁମାର ଗୁରୁ ପହଞ୍ଚି ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଏହି ଦୁଇ ଗ୍ରାମରେ ବିକାଶ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏବିଡ଼ିଓ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଆଗାମୀ ଦୁଇ ମାସ ମଧ୍ୟରେ ପ୍ରଶାସନ ପକ୍ଷରୁ ଯଦି ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାନଯାଏ ତେବେ ପୁନର୍ବାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ଲକ ଅଫିସରେ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଛି ସଂଗଠନ।

## ଡିଏନ୍ ହାଇସ୍କୁଲରେ ଜ୍ଞାନ ବିଜ୍ଞାନ ମେଳା

**ଘଷିପୁରା, ୨୪।୧୧(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ସରକାରୀ ଦରିଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୬୧ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ମୁଖ୍ୟଅତିଥି ସରୋଜ କାନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବେ ସୁଜାତା ସୁତାର, ସମ୍ମାନୀତ ଅତିଥି ଭାବେ ଡା. ରତିକାନ୍ତ ବରାଳ ଓ ଅନ୍ୟତମ ଅତିଥି ଭାବେ ପୁରାତନ ଛାତ୍ର ସୁଶାନ୍ତ କୁମାର ରାଉତ, ଶିକ୍ଷୟିତ୍ରୀ ମୋନାଲିସା ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମନସ୍ମିତ ମହାଖୁଡ଼ ଅତିଥି ପରିଚୟ ଦେଇଥିଲା ବେଳେ ସସ୍ମିତା ସାହୁ ସଭା ପରିଚାଳନା କରିଥିଲେ। ସୁଜାତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଚଗଲା ଶିକ୍ଷକ ସାହୁ, ସ୍ମିତାଞ୍ଜଳି ମଲିକ ଓ ପ୍ରସନ୍ନ ସାହୁ ସହଯୋଗ କରିଥିଲେ। ବିଜ୍ଞାନ ପ୍ରକଳ୍ପରେ ସୁସ୍ମିତା ସାହୁ ପ୍ରଥମ, ଆଦ୍ୟାଶା ବରାଳ ଦ୍ୱିତୀୟ ଏବଂ ବିବେକ କୁମାର ଜେନା ତଥା ଅଂଶୁମାନ ସାହୁ ଯୁଗ୍ମ ବିଜେତା ଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।



# ପ୍ରକୃତି କୋଳରେ ଶୋଭାପାଉଛି ଚକ୍ରତୀର୍ଥ ଓ ଗଡ଼ଚଣ୍ଡୀ ପୀଠ

**ଆନନ୍ଦପୁର, ୨୪।୧୧(ସମିସ)**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବନପାହାଡ଼ ଘେରା ପ୍ରକୃତିର କୋଳରେ ଶୋଭା ପାଉଥିବା ଚକ୍ରତୀର୍ଥ ଓ ଗଡ଼ଚଣ୍ଡୀ ପୀଠ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲେ ମଧ୍ୟ ଏହି ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନସ୍ଥଳରେ ଆବଶ୍ୟକୀୟ ସୁବିଧା ନଥିବାରୁ ଏଠାକୁ ଆସୁଥିବା ଆଗନ୍ତୁକ ଓ ପର୍ଯ୍ୟଟକମାନେ ନାହିଁ ନଥିବା ହୀନସ୍ତା ଭୋଗ କରୁଥିବା ଅଭିଯୋଗ ହେଉଛି। ଏହି ସ୍ଥାନକୁ ଅବହେଳା କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ପଡ଼ିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଆନନ୍ଦପୁର ସହରଠାରୁ ୧୫ କିମି ଦୂରରେ ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଛି ଏହି ମନୋରମ ସ୍ଥଳ ଚକ୍ରତୀର୍ଥ। ଆନନ୍ଦପୁର-ଭଦ୍ରକ ରାସ୍ତାର ତରତରା ଛକଠାରୁ ବାମକୁ ୬ କିଲୋମିଟର ପରେ କାଠକଟା ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଜଙ୍ଗଲିଆ ରାସ୍ତାରେ ୩ କିଲୋମିଟର ଗଲେ ପଡ଼ିବ ଏହି ଅପରୂପ ଚକ୍ରତୀର୍ଥ ପର୍ଯ୍ୟଟନସ୍ଥଳୀ। ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଭେଦ କରି ପାହାଡ ଶୀର୍ଷରେ ଝରଣା ସୃଷ୍ଟି ହୋଇଥିବାରୁ ଏହାର ନାମ ଚକ୍ରତୀର୍ଥ ହୋଇଥିବା କୁହାଯାଏ। ପାହାଡ଼ର ପାଦଦେଶରେ ଝରଣାର ସୁଶୀତଳ ନୀଳ ଜଳରାଶି ଆଗନ୍ତୁକମାନଙ୍କୁ ଆକର୍ଷିତ କରିଥାଏ। ଗ୍ରୀଷ୍ମ ଋତୁରେ ଏଠାରେ ଶୀତଳ ପବନର ଆନନ୍ଦ ମିଳିଥାଏ। ପାହାଡ଼ ଉପରକୁ ପ୍ରାୟ ୧୦୦ ମିଟର ଦୂରରେ ରହିଛି ଗରୁଡ଼ କୁଣ୍ଡ, ଧୋବି କୁଣ୍ଡ ଓ ଆକାଶ ଗଙ୍ଗା ଝରଣା। ଯେଉଁ ସ୍ଥାନରେ ଭଗବାନଙ୍କ ସୁଦର୍ଶନ ଚକ୍ରଭେଦ ହୋଇଛି ଏହାକୁ ନାଗେଶ୍ୱର ନାଳିଆ କୁହାଯାଏ। ଚକ୍ରତୀର୍ଥରେ ଗାଧୋଇବାର ସବୁଠାରୁ ନିଆରା ସ୍ଥାନ ହେଉଛି ଆକାଶଗଙ୍ଗା ଯାହା ଲୋକମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିଥାଏ। ବର୍ଷର ବହୁ ସଂଖ୍ୟକ ପର୍ଯ୍ୟଟକ ଏହି ସ୍ଥାନକୁ ଆସି ଆନନ୍ଦ ଉପଭୋଗ କରିଥାନ୍ତି। ଏହି ସ୍ଥାନକୁ ଯିବା ପାଇଁ ପାହାଚ ନିର୍ମାଣ ହୋଇନଥିବାରୁ ଲୋକେ ଅସୁରକ୍ଷିତ ଭାବେ ଯାଉଥିବାରୁ ଅନେକ ସମୟରେ ଉପରୁ ଖସି ପଡ଼ିବା ଭଳି ଅଘଟଣ ଘଟିଥାଏ।

**ଆବଶ୍ୟକ ସୁବିଧା ନଥିବାରୁ ପର୍ଯ୍ୟଟକ ହନ୍ତସନ୍ତ**





ସେହିପରି ବଉଳା ପର୍ବତମାଳାର ପାଦଦେଶରେ ଐତିହାସିକ ଓ କିମ୍ବଦନ୍ତୀ ବହନ କରୁଥିବା ଗଡ଼ଚଣ୍ଡୀ ପୀଠର ବିକାଶ ହୋଇନଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଉଳା ପର୍ବତମାଳାକୁ ଲାଗିରହିଥିବା ଏହି ଗଡ଼ଚଣ୍ଡୀ ପୀଠର ଅନେକ ଐତିହସିକ କିମ୍ବଦନ୍ତୀ ରହିଥିବା ଜଣାଯାଇଛି। ଏଠାରେ ପୂଜା ପାଉଥିବା ମା'ଗଡ଼ଚଣ୍ଡୀଙ୍କ ମହିମାରେ ଅନେକ ଶ୍ରଦ୍ଧାଳୁ ପ୍ରଭାବିତ ହୋଇ ନୀତିଦିନ ଏହି ପୀଠକୁ ପୂଜାର୍ଚ୍ଚନା କରିବାକୁ ଆସିଥାନ୍ତି। କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ସୀମାନ୍ତରେ ଥିବା ଏହି ଐତିହାସିକ ପୀଠ ଅପରୂପ ପ୍ରାକୃତିକ ଶୋଭାରାଜି ଯୋଗୁ ଏଠାକୁ ବର୍ଷସାରା ପର୍ଯ୍ୟଟକମାନଙ୍କ ଯାତାୟାତ ଲାଗିରହିଥାଏ। ହେଲେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ପାଇଁ ବିଶେଷ ସୁବିଧା ନଥିବାରୁ ଇଚ୍ଛା ଥିଲେ ବି ଅନେକ ପର୍ଯ୍ୟଟକ ରାତ୍ରିଯାପନ କରିନପାରି ଅସୁବିଧା ଭୋଗ କରି ଫେରିଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରାଜତନ୍ତ୍ର ଶାସନ ସମୟରେ କେନ୍ଦୁଝର ରାଜାଙ୍କର ଏହା ଏକ ଗଡ଼ ଥିବା ବେଳେ ଏହି ଗଡ଼ରେ ପୂଜା ପାଉଥିବା ମା'ଚଣ୍ଡୀଙ୍କ ମହାତ୍ମ୍ୟ ସର୍ବଜନ ବିଦିତ। ଏହି ପୀଠକୁ ଲାଗିରହିଥିବା ସୁଉଚ୍ଚ ପର୍ବତ ଶୃଙ୍ଗରେ ଆକାଶ ଗଙ୍ଗା, ସୀତାକୁଣ୍ଡ ଭଳି ଦର୍ଶନୀୟ ସ୍ଥାନ ଥିବା ବେଳେ ଏହି ପାହାଡର ଶୀର୍ଷରେ ମା' ଉପରଚଣ୍ଡି ପୂଜା ପାଉଛନ୍ତି। ପ୍ରାୟ ୩ହଜାର ମିଟର ପାହାଡ଼ ଉପରୁ ପଥର କୋରଡ଼ରେ ଝରିଆସୁଥିବା ଜଳରାଶି ଓ ଝରଣା ପର୍ଯ୍ୟଟକମାନଙ୍କ ପାଇଁ ଅତ୍ୟନ୍ତ ମନମୁଗ୍ଧକର। ଘଞ୍ଚ ସବୁଜବଳୟ ମଧ୍ୟରେ ଥିବା ଏହି ପୀଠ ଓ ପର୍ଯ୍ୟଟନସ୍ଥଳୀ ଅଞ୍ଚଳରେ ବନ୍ୟଜନ୍ତୁମାନଙ୍କର ଆଡ୍‌ଡାସ୍ଥଳୀ ହୋଇଥିବା ବେଳେ ବିଭିନ୍ନ ପକ୍ଷୀଙ୍କ କଳରବ ଏହି ଅଞ୍ଚଳକୁ ବେଶ ମୁଖରିତ କରେ। ସୁନ୍ଦର ଓ ଶାନ୍ତ ପରିବେଶରେ ଥିବା ଏହି ସବୁଜବନାନୀରେ ବହୁ ଔଷଧୀୟ ବୃକ୍ଷ ଥିବାରୁ ଏହି ଅଞ୍ଚଳ ଗବେଷଣାତ୍ମକ ସାଧନା ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ବୋଲି ମନେ ହୋଇଛି। ଏଣୁ ଏଭଳି ଐତିହାସିକ ଓ କିମ୍ବଦନ୍ତୀ ବହନ କରୁଥିବା ପୀଠର ପୁନରୁଦ୍ଧାର ଓ ବିକାଶ ହୋଇପାରିଲେ ଏହା ଅଧିକ ଆକର୍ଷଣୀୟ ହୋଇପାରିବ ବୋଲି ପରିବେଶବିତମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି।

**ଖାଲି ପଦବୀ ସଂଖ୍ୟା: 5447**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/careers/current-opening ରେ ବିଜ୍ଞାପନ ନମ୍ବର CRPD/CBO/2023-24/18 ଅଧୀନରେ ଉପଲବ୍ଧ। ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 22.11.2023 ରୁ 12.12.2023**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ।

ସ୍ଥାନ: ମୁମ୍ବାଇ
ତାରିଖ: 22.11.2023

ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଶିକ୍ଷକ ନିଯୁକ୍ତି ଦାବି: ପଣ୍ଡୁଆ ବିଦ୍ୟାଳୟରେ ତାଲା ମାରିଲେ ଛାତ୍ରଛାତ୍ରୀ

ଘଷିପୁରା, ୨୪।୧୧(ସମିସ)

ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଫାଟକରେ ତାଲା ମାରି ପ୍ରତିବାଦ କଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଘଷିପୁରା ବ୍ଲକ ପଣ୍ଡୁଆ ଗ୍ରାମରେ। ପାଇକ ବୀରଙ୍କ ଗାଁ ପଣ୍ଡୁଆ। ପ୍ରାଥମିକ ଶିକ୍ଷା ପାଇଁ ୧୯୧୧ ମସିହାରୁ ଏଠାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି। ହେଲେ ଶିକ୍ଷକ ଅଭାବରୁ କିଛି ଦିନ ହେଲା ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୯୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ୮ଟି ଶ୍ରେଣୀକୁ ମାତ୍ର ୩ ଜଣ ଶିକ୍ଷକ ଏଠାରେ ଥିବାରୁ ପାଠ ପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ସ୍ଥାନିୟ ଅଭିଭାବକ ତଥା ଶିକ୍ଷା କମିଟି ସଭାପତି ବିଭୁତି ଭୂଷଣ ବେହେରାଙ୍କ ନେତୃତ୍ୱରେ ଘଷିପୁରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ନିମନ୍ତେ ଦାବିପତ୍ର ଦିଆଯାଇଥିଲା। ଘଟଣାକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଶିକ୍ଷକ ପଦ ପୂରଣ ନ ହେବାରୁ ସ୍କୁଲ କମିଟି, ଅଭିଭାବକ ଓ ଛାତ୍ରଛାତ୍ରୀ ଆଜି ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିବା ସହ ଶିକ୍ଷକଙ୍କୁ ସ୍କୁଲ ଭିତରକୁ ଛାଡ଼ି ନଥିଲେ। ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ ନ ହେବା ଯାଏ ଫାଟକରେ ତାଲା ପଡ଼ିବ ବୋଲି ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ସେପଟେ ପୂର୍ବରୁ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କ ସହିତ ଜଣେ ସ୍ଥାନୀୟ ଅଭିଭାବକଙ୍କ କୌଣସି କଥାକୁ ନେଇ ଗଣ୍ଡଗୋଳ ଘଟି ଥାନାରେ ମାମଲା ରୁଜୁ ହେବା ସହ ଅଦାଲତଙ୍କ ବିଚାରଧୀନ ରହିଛି। ଫଳରେ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବାରୁ ସେହି ପଦ ଖାଲି ପଡ଼ିଛି। ଏକ ମାସ ମଧ୍ୟରେ ଖାଲିଥିବା ଶିକ୍ଷକ ପଦ ପୂରଣ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ ପ୍ରକାଶ କରିଛନ୍ତି।



# ଅଳତିରେ ସାଇବାବାଙ୍କ ଜୟନ୍ତୀ

**ଘଷିପୁରା, ୨୪।୧୧(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ସତ୍ୟସାଇ ଭଜନ ମଣ୍ଡଳୀ ତରଫରୁ ସାଇ ମନ୍ଦିର ଠାରେ ସତ୍ୟସାଇ ବାବାଙ୍କ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ନଗର ସଙ୍କୀର୍ତ୍ତନ, ଗ୍ରାମର ବିଭିନ୍ନ ମନ୍ଦିରରେ ସଫେଇ, ପରେ ସାଇ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା, ତ୍ରୟରୁଦ୍ରମ, ବାବାଙ୍କ ଅଷ୍ଟୋତ୍ତର ଶତ ନାମ ବଳି ପଠନ କାର୍ଯ୍ୟକ୍ରମ ହୋଇଥିଲା। ଆଚାର୍ଯ୍ୟ ରବୀନ୍ଦ୍ର କୁମାର ଦାସ ଓ ସାଥି କର୍ମକାଣ୍ଡ ସଂସ୍କାର ସମ୍ପାଦନ କରିଥିଲେ। ଏହି ଅବସରରେ ନାରାୟଣ ସେବା ସହିତ ଭଜନ ମଣ୍ଡଳୀ ପକ୍ଷରୁ ୧୦ ଜଣ ଅସହାୟ ଗରିବ ବ୍ୟକ୍ତିଙ୍କୁ ଶୀତ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ସମୟରେ ବାଲ୍ ବିକାଶ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ପୂର୍ବତନ ଜିଲ୍ଲା ସଭାପତି ନରୋତ୍ତମ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଳତି ଭଜନ ମଣ୍ଡଳୀର ଆବାହକ ପ୍ରଶାନ୍ତ ସାମଲ ସଂଯୋଜନା କରିଥିବା ବେଳେ ସଂଗଠନର ବରିଷ୍ଠ ଶ୍ରଦ୍ଧାଳୁ ବିଷ୍ଣୁ ନାରାୟଣ ସାମଲ, ବିଜୟ ସେଠୀ, ପିତାମ୍ବର ସେଠୀ, ଦିଲୀପ ସାହୁ, ସୋମନାଥ ସେଠୀ, ବଳରାମ ସେଠୀ, ନୃସିଂହ ଚରଣ ବରାଳ, ଶ୍ରୀକାନ୍ତ ସାହୁ, ତ୍ରିନାଥ ସାହୁ, ମହଶ୍ୱର ନାୟକ, ପ୍ରତିମା ବେହେରା, ରମେଶ ସେଠୀ, ରବୀନ୍ଦ୍ର ସେଠୀ, ବ୍ରଜ କିଶୋର ସାହୁ, ସାଇ ନାରାୟଣ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପଡୋଶୀ ହରିପୁର, ଜନାର୍ଦ୍ଦନପୁରପାଟଣା, ତିଗିରିଆ, ପୁରୁଣାବାନ୍ଧଗୋଡା, ନରଦା ପ୍ରଭୃତି ଅଞ୍ଚଳରୁ ଶତାଧିକ ସାଇ ଚରଣାଶ୍ରିତ ଶ୍ରଦ୍ଧାଳୁ ଏଥିରେ ଅଂଶଗ୍ରହଣ କରି ଥିଲେ।

# ୨୬ରୁ ହାତୀଶିଳା ସୁପର ମିଣ୍ଟନ ବ୍ୟାଡ୍‌ମିଣ୍ଟନ ମ୍ୟାଚ୍

**ଆନନ୍ଦପୁର, ୨୪।୧୧(ସମିସ):** ଘଷିପୁରା ବ୍ଲକ ଦେଓଗାଁ ପଞ୍ଚାୟତର ହାତୀଶିଳା ଠାରେ ସୁପରମିଣ୍ଟନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଞ୍ଚଳରେ କ୍ରୀଡ଼ାପ୍ରେମୀ ଓ ଉତ୍ସାହୀ ଯୁବ ଗୋଷ୍ଠୀଙ୍କ ସହଯୋଗରେ ଆସନ୍ତା ୨୬ ତାରିଖ ଠାରୁ ଏହି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଉକ୍ତ ଦିନ ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝରର ସୁନାମଧନ୍ୟ ଖେଳାଳି ମାନେ ଯୋଗଦେବେ। ଏହି ଉପଲକ୍ଷେ ଆୟୋଜକ ମଣ୍ଡଳୀ ସଦସ୍ୟ ବିଭୁଭୂଷଣ ମହାନ୍ତି, ଗୋପବନ୍ଧୁ ପାଣିଗ୍ରାହୀ, ସୁରେଶ କୁମାର ଭୂୟାଁ, ଦେବାଶିଷ ବିଶ୍ୱାଳ, ଧୀରେନ୍ଦ୍ର ପାତ୍ର, ଦେବାଶିଷ ରାଉତ, ବିଶ୍ୱରଞ୍ଜନ ରାଉତ, ଲକ୍ଷ୍ମଣ ବାରିକ, କାଳନ୍ଦୀ ଚରଣ ସାହୁ, ଯଶୋବନ୍ତ ନାୟକ, ମନୋରଞ୍ଜନ ପତି, ରାଧେଶ୍ୟାମ ବାରିକ, ହୃଦାନନ୍ଦ ଦାସ, ସାଇପ୍ରସାଦ ମିଶ୍ର, ରୋଷନ୍ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀ ମ୍ୟାଚ୍ ଅପରାହ୍ନ ୪ ଘଟିକାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ନିଷ୍ପତି ହୋଇଥିବା ଆନନ୍ଦପୁର ବ୍ୟାଡମିଣ୍ଟନ କୋଚ୍ ଅନ୍ନଦାଶଙ୍କର ମହାନ୍ତିଙ୍କ ଠାରୁ ସୂଚନା ମିଳିଛି।

# ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା

**ଆନନ୍ଦପୁର, ୨୪।୧୧(ସମିସ):** ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରବନ୍ଧ ଏବଂ ତର୍କ ପ୍ରତିଯୋଗିତା ଯୁବ ରେଡ୍‌କ୍ରସ ଶାଖା ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ଉଦଘାଟନ କରିଥିଲେ। ବିଶ୍ୱ ଏଡ୍‌ସ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।ଅଧ୍ୟାପକ ଡ. ନିମାଇଁ ଚରଣ ରାଉତ, ଭଗବାନ ସାହୁ, ପାର୍ଥସାରଥୀ ଶଙ୍ଖୁଆ, ସ୍ଥିତପ୍ରଜ୍ଞା ଜେନା, ଆଦ୍ୟଦେବ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସିଦ୍ଧି ଦିବସ

**ତେଲକୋଇ, ୨୪।୧୧(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ମୁଖ୍ୟାଳୟ ଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ପ୍ରାଙ୍ଗଣରେ ଶୁକ୍ରବାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସମବେତ ଧ୍ୟାନ କରାଯାଇ ଅନୁଷ୍ଠାନର ସଭାପତି ନାରାୟଣ ପ୍ରଧାନଙ୍କ ଦ୍ୱାରା ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମାଧି ସ୍ଥଳରେ ପୁଷ୍ପ ଅର୍ପଣ ପୂର୍ବକ ଧୂପ ଲଗାଇ ପ୍ରାର୍ଥନା କରିଥିଲେ। ଇତ୍ୟବସରରେ ସିଦ୍ଧି ଦିବସ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅନୁଷ୍ଠାନର ପ୍ରିନ୍ସିପାଲ ବନ୍ଦିତା ମହାନ୍ତି ଶ୍ରୀଅରବିନ୍ଦଙ୍କ ବିଷୟରେ ଅନେକ ଉପାଦେୟ କଥା ପିଲାମାନଙ୍କୁ କହିଥିଲେ।

# ଧକୋଠା ହାଇସ୍କୁଲ ରିଟେଲ ଛାତ୍ରଛାତ୍ରୀଙ୍କ ଶିଳ୍ପ ସଂସ୍ଥାନ ଭ୍ରମଣ

**ଆନନ୍ଦପୁର, ୨୪।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ସରକାରୀ ଉଚ୍ଚ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଗତ ରିଟେଲ ବିଭାଗର ଛାତ୍ରଛାତ୍ରୀ ମାନେ ବ୍ୟବସାୟିକ ଶିଳ୍ପ ସଂସ୍ଥାନ ପରିଦର୍ଶନ କରିଛନ୍ତି। ରିଟେଲ ବିଭାଗର ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାରଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ମୋଟ ୫୨ ଜଣ ଛାତ୍ରଛାତ୍ରୀ ଘଷିପୁରା ସ୍ଥିତ ବ୍ୟବସାୟିକ ସଂସ୍ଥା ଟ୍ରେଣ୍ଡସ୍ ପରିଦର୍ଶନ କରି ପ୍ରତ୍ୟେକ ଜ୍ଞାନ ଆହରଣ କରିଥିଲେ। ଅନୁଷ୍ଠାନର ପରିଚାଳକ ସୋମିତ୍ ସାମଲ ପିଲାମାନଙ୍କୁ ଭବିଷ୍ୟତରେ ରିଟେଲ ପରିଚାଳନାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଏବଂ ପିଲାମାନଙ୍କର ବିଭିନ୍ନ ରିଟେଲ ସମ୍ପର୍କିତ ପ୍ରଶ୍ନର ଉତ୍ତର ପ୍ରଦାନ କରି ସେମାନଙ୍କ ସନ୍ଦେହ ଦୂର କରିଥିଲେ। ଏହା ପିଲାମାନଙ୍କର ଜ୍ଞାନ ବୃଦ୍ଧି ନିମନ୍ତେ ଅତ୍ୟନ୍ତ ଉପଯୋଗୀ ହୋଇଥିଲା।

# ଝରଣାରେ ବୁଡ଼ି ପଶ୍ଚିମବଙ୍ଗ କଲେଜ ଛାତ୍ର ମୃତ

**ବଡ଼ବିଲ,୨୪।୧୧(ସମିସ):** କେନ୍ଦୁଝରଜିଲ୍ଲାବୋଲାଣିଥାନାଅନ୍ତର୍ଗତପୁଣ୍ଡୁଲଜଳପ୍ରପାତରେ ବୁଡ଼ିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଛାତ୍ର ଜଣଙ୍କ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଆଶୁତୋଷ କଲେଜର ପରିବେଶ ବିଜ୍ଞାନ ସ୍ନାତକୋତ୍ତର ପଢୁଥିବା ୩୪ ଜଣ ଛାତ୍ର ବଡ଼ବିଲରେ ଏକ ହୋଟେଲରେ ରହି କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ବୁଲି ଦେଖିବା ସହ ଗୁରୁବାର ବୋଲାଣି ନିକଟ ପୁଣ୍ଡଲ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ତେବେ ୨୩ ବର୍ଷିଆ ତାରାଶଙ୍କର ସରକାର ବିପଦପୂର୍ଣ୍ଣ ସ୍ଥାନକୁ ଯାଇ ଫଟୋ ଉଠାଉଥିବା ବେଳେ ଅସାବଧାନତା କାରଣରୁ ତାଙ୍କର ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡ଼ି ଯାଉଥିବା ବେଳେ ତାଙ୍କର ଜଣେ ସାଙ୍ଗ ତାଙ୍କୁ ରକ୍ଷା କରିବାକୁ ଯାଇ ସେ ମଧ୍ୟ ବୁଡ଼ି ଯାଇଥିଲେ। ସହପାଠୀମାନେ ଚେଷ୍ଟା କରି ସେମାନଙ୍କୁ ଉଦ୍ଧାର କରି ନ ପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବଡ଼ବିଲ ଅଗ୍ନିଶମ ବାହିନୀ ପହଞ୍ଚି ପାଣି ଭିତରୁ ତାରାଶଙ୍କରଙ୍କ ମୃତ ଦେହ ଉଦ୍ଧାର କରିଥିଲା। ବୋଲାଣି ପୁଲିସ ମୃତଦେହକୁ ଜବତ କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ପୋଖରୀ ଭିତରକୁ ପଶିଗଲା ଅଟୋ

**ତେଲକୋଇ, ୨୪।୧୧(ସମିସ):** ତେଲକୋଇରୁ ଶିବ ନାରାୟଣପୁର ଗୋଡା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ରାମଚନ୍ଦ୍ରପୁର ଗାଁ ମୁଣ୍ଡ ପୋଖରୀ ଭିତରେ ଏକ ଅଟୋ ଭାରସାମ୍ୟ ହରାଇ ପଶିଯିବାରୁ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଚାଳକ ହେଲେ ଗଣେଶ୍ୱର ଭୁଇଁଆ (୩୭)।ତେବେ ସୂଚନା ମୁତାବକ ଗଣେଶ୍ୱର (ଓଡି ୦୯ ୫୨୨୭) ନମ୍ବର ବିଶିଷ୍ଟ ଅଟୋ ଧରି ଗୋଡା ଅଞ୍ଚଳରୁ ତେଲକୋଇ ଆସୁଥିବାବେଳେ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀ ଭିତରୁ ଉଦ୍ଧାର କରିଥିଲେ। ତେବେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।



# ୭ ଦିନ ହେବ ବସୁଧା ପ୍ରକଳ୍ପ ମୋଟର ଅଚଳ

**ପାଟଣା, ୨୪।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମରେ ପାଣି ମଟରଟି ୭ ଦିନ ହେବ ଖରାପ ହେବା ଫଳରେ ଲୋକେ ଶୁଦ୍ଧ ପାଣି ଟୋପେ ପିଇବା ପାଇଁ ତହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ୨କିଲୋମିଟର ଦୂର ଅନ୍ୟ ଏକ ଗାଁକୁ ଯାଇ ପିଇବା ପାଣି ଆଣୁଥିବା କହିଛନ୍ତି। ତେବେ ଆଗରୁ ମଧ୍ୟ ଘରକୁ ସବୁଦିନ ପାଣି ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ନେଇ କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକଙ୍କୁ ପଚାରିବାରୁ ପାଣି ଟାଙ୍କିର ମଟରଟି ଖରାପ ହେବା ଫଳରେ ପିଇବା ପାଣି ସମସ୍ୟା ଦେଖାଯାଇଛି। ଏହାର ସମାଧାନ ପାଇଁ ମଟରଟିକୁ ସଜାଡ଼ିବା ପାଇଁ ଦିଆଯାଇଥିବା କହିଛନ୍ତି। ଅନ୍ୟପକ୍ଷେ ଗ୍ରାମବାସୀ ଅତର ନାଏକ, ରମା ନାଏକ, କନକ ନାଏକ, ମାନି ନାଏକ, ଗୋଲାପ ଦେହୁରୀ, ପ୍ରମିଳା ନାଏକ, ସୁନାଫୁଲ ନାଏକ, ସୁକାନ୍ତି ନାଏକ, ପଙ୍କଜିନୀ ସେଠୀ ପ୍ରମୁଖ ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରା ନ ଗଲେ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଟୋଲଙ୍କପଡ଼ାରେ ଶିକ୍ଷକ-ଅଭିଭାବକ ବୈଠକ



**ବେଲବାହାଲି, ୨୪।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡ଼ା ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ବିଦ୍ୟାଳୟ କମିଟିର ସଭାପତି ଶତ୍ରୁଘ୍ନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାର ଯୋଜନା ଓ ସରକାରଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଅଭିଭାବକମାନଙ୍କୁ ଶିକ୍ଷକ ମାନେ ଆଗତ କରିଥିଲେ। ପରୀକ୍ଷା ଫଳ ଓ ଆଗାମୀ ପରୀକ୍ଷା ସମ୍ପର୍କରେ କି ପ୍ରକାର ଯୋଜନା କରାଯିବ ସେ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଶିକ୍ଷକ ଅଜୟ କୁମାର ସାହୁ, ରଞ୍ଜନ କୁମାର ଜେନା, ମଦନ ମୋହନ ବାରିକ, ବୁଦ୍ଧଦେବ ପଣ୍ଡା ଓ ରଘୁନାଥ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଡୁମୁରିଆରେ ୟୁନିୟନ୍ ବ୍ୟାଙ୍କର ଋଣ ମେଳା

**ପାଟଣା, ୨୪।୧୧(ସମିସ):** ପାଟଣା ବ୍ଲକ ଡୁମୁରିଆଠାରେ ଏସ୍‌ଏଚ୍‌ଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ୟୁନିୟନ୍ ବ୍ୟାଙ୍କ ଡୁମୁରିଆ ଶାଖା ପକ୍ଷରୁ ଏକ ଋଣ ମେଳା ଆୟୋଜନ କରାଯାଇଛି। ଏଥିରେ ୧୦ଟି ଏସ୍‌ଏଚ୍‌ଜି ଗ୍ରୁପର ମହିଳା ଯୋଗ ଦେଇଥିଲେ। ବିଶେଷ କରି କୁକୁଡ଼ାଚାଷ, ଛେଳିଚାଷଓମାଛଚାଷକାର୍ଯ୍ୟପାଇଁବ୍ୟାଙ୍କପକ୍ଷରୁଲୋନ୍‌ଯୋଗାଇଦିଆଯାଉଛି। ମେଳାରେ ୧୦ଟି ଏସ୍‌ଏଚ୍‌ଜି ଗ୍ରୁପକୁ ମୋଟ ୪୯ ଲକ୍ଷ ଟଙ୍କା ଋଣ ମଞ୍ଜୁର କରାଯାଇଥିବା ଜଣାପଡ଼ିଛି। ଏଥିରେ ମୁଖ୍ୟଅତିଥି ଭାବେ ୟୁନିୟନ ବ୍ୟାଙ୍କର ଶାଖା ପ୍ରବନ୍ଧକ ମାନଗୋବିନ୍ଦ ନାଏକ ଯୋଗଦେଇ ମହିଳାଙ୍କୁ ଋଣ ପ୍ରଦାନ କରିଥିଲେ। ଶେଷରେ ମା’ଅମ୍ବିକା ଏସ୍‌ଏଚ୍‌ଜି ସମ୍ପାଦିକା ସୁଚିତ୍ରା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



# ଶାଳପଡ଼ା ଶିବ ମନ୍ଦିର ରତ୍ନମୁଦ ଉତ୍ସବ

**ଆନନ୍ଦପୁର, ୨୪।୧୧(ସମିସ):** ଆନନ୍ଦପୁରର ଶାଳପଡ଼ା ରଘନାଥପୁର ଶାସନ ଠାରେ ଥିବା ପ୍ରଭୁ ଫିଙ୍ଗଲେଶ୍ୱର୍ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପିନାଥ ଭଞ୍ଜଦେଓଙ୍କ ଦ୍ୱାରା ୧୯୦୮ ମସିହାରେ ଶାଳପଡ଼ା ରଘୁନାଥପୁର ଶାସନ ଠାରେ ଏହି ମନ୍ଦିର ସ୍ଥାପନ ହୋଇଥିବା ବେଳେ ଗ୍ରାମବାସୀ ସର୍ବସମ୍ମତିକ୍ରମେ ମନ୍ଦିରର ପୁନର୍ଗଠନ କାର୍ଯ୍ୟ ହାତକୁ ନେଇ ଶିଳାନ୍ୟାସ କରିଥିଲେ। ଗ୍ରାମବାସୀଙ୍କ ସାମୂହିକ ତ୍ୟାଗକୁ ଆଧାର କରି ମନ୍ଦିରର ଦଧିନଉତିର ରତ୍ନମୁଦ ସ୍ଥାପନ କରାଯାଇଥିଲା। ପ୍ରତ୍ୟୁଷରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ସମୟରେ ପ୍ରଫେସର ଗଙ୍ଗାଧର ମିଶ୍ର, ସୁମିତ୍ରା ମିଶ୍ର ସଂକଳ୍ପ ଦାୟିତ୍ୱ ବହନ କରିଥିବା ବେଳେ ଦଧିନଉତି ରତ୍ନମୁଦ ସ୍ଥାପନ ସମୟରେ ସୁନା, ରୂପା, ଟଙ୍କା, ଧାନ ପ୍ରମୁଖ ଅଷ୍ଟଧାତୁ ଚୂଳରେ ସ୍ଥାପନା କରାଯାଇଥିଲା। ଏହି ଅବସରରେ ଆନନ୍ଦପୁର ରୋଟାରୀ କ୍ଲବର ପ୍ରଥମ ସ୍ୱାର୍ଥମେଧ ଯଜ୍ଞ ଓ ମାତୃ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଦଧିନଉତି ସ୍ଥାପନା ଉତ୍ସବରେ ଗ୍ରାମବାସୀ ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ, ଡ. ଦିଲ୍ଲୀପ କୁମାର ଦାସ, ଜଗବନ୍ଧୁ ପତି, ପୁରନ୍ଦର ମିଶ୍ର, ଆନନ୍ଦପୁର ରୋଟାରୀ କ୍ଲବର ଚାଟର ସଭାପତି ପ୍ରଫେସର ଗଙ୍ଗାଧର ମିଶ୍ର, ରୋଟାରୀ ନିଉ ହରାଇଜନ ଭୁବନେଶ୍ୱରର ସମ୍ପାଦିକା ଡ. ସୁମିତ୍ରା ମିଶ୍ରଙ୍କ ସହ ଗ୍ରାମର ବହୁ ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରମୁଖ ଯୋଗଦେଇ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗ୍ରାମବାସୀ ଓ ଆନନ୍ଦପୁର ବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା

**ଡୁରୁମୁଙ୍ଗା, ୨୪।୧୧(ସମିସ):** କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅବସରରେ ସାମଜିକ ସଚେତନତା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସେବକ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ପ୍ଲାଷ୍ଟିକ ବର୍ଜନ ପାଇଁ ଗୁରୁବାର ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଏହା ଡୁରୁମୁଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ବଜାର ପରିକ୍ରମା କରି ବଜାର ଉପରେ ପ୍ଲାଷ୍ଟିକର କୁପରିଣାମ ଉପରେ ପ୍ରାଧ୍ୟାପକ ମହେଶ କୁମାର ଚାଟାର୍ଜୀଙ୍କ ରଚନା ଓ ନିର୍ଦ୍ଦେଶନାରେ ଲିଲି ମହାନ୍ତ, ମୋନାଲିସା ମହାନ୍ତ, ବୀରେନ୍ଦ୍ର ବେହେରା, ଡାକ୍ତର ନାଏକ, ଶୁଭକାନ୍ତ ନାଏକ, ବିଷ୍ଣୁପଦ ବେହେରା, ଦେବପ୍ରିୟ ମହାନ୍ତ, ବିଷ୍ଣୁ ନାରାୟଣ ନାଏକ, ସତ୍ୟଜିତ ନାଏକ ଓ ଲଳିତ ନାଏକଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ପ୍ଲାଷ୍ଟିକ ବର୍ଜନ ପାଇଁ ଲୋକଙ୍କୁ ସଚେତନତା କରାଯାଇଥିଲା। ପରେ ସ୍ଥାନୀୟ କାଳୀପଡ଼ିଆରେ ପଡ଼ିଥିବା ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁକୁ ସଫେଇ କରି ପରିବେଶକୁ ପରିଚ୍ଛନ୍ନ କରିଥିଲେ। ଛାତ୍ରଛାତ୍ରୀଙ୍କ ଏଭଳି କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଜନ ସାଧାରଣ ପ୍ରଶଂସା କରିଥିଲେ। ପରିଶେଷରେ ମାଧ୍ୟମିକ ବିଦ୍ୟାଳୟର ସାଂସ୍କୃତିକ ବିଭାଗ ପକ୍ଷରୁ ପାରମ୍ପାରିକ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ପାଇଁ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



# ମୌଳିକ ସୁବିଧାରୁ ବଞ୍ଚିତ ଉପରଇରିଡ଼ା: ଶୋଷ ମେଣ୍ଟାଉଛି ଝରଣା ପାଣି

ତେଲକୋଇ, ୨୪।୧୧(ସମିସ)

ମୌଳିକ ସୁବିଧାରୁ ବଞ୍ଚିତ ହୋଇଛି କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଟଣ ପଞ୍ଚାୟତର ଉପରଇରିଡ଼ା ଗ୍ରାମ। ଏହି ପାହାଡ ଜଙ୍ଗଲ ଘେରା ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ୩୦୦ ଜଣ ଲୋକ ବସବାସ କରୁଥିବା ବେଳେ ପ୍ରାୟ ସମସ୍ତ ପରିବାର ଆଦିବାସୀ ଭୂୟାଁ ଜନଜାତିର।

କୁଆଁର ୪୯ନଂ ଜାତୀୟ ରାଜପଥରୁ ପ୍ରାୟ ୧୦ କିଲୋମିଟର ପାହାଡ଼ିଆ ପଥୁରିଆ ଖାଲ-ଢିପ ରାସ୍ତା ଦେଇ ଗଲେ ପଡ଼େ ଏହି ଗାଁ। ଗମନାଗମନ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ, ଭତ୍ତା ଓ ଦୂରଭାଷ ସବୁଥିରେ ସମସ୍ୟାରେ ରହିଛି ଏହି ଉପର ଇରିଡା ଗ୍ରାମ। ଗ୍ରାମକୁ ସବୁଦିନିଆ ରାସ୍ତା ଖଣ୍ଡେ ନଥିବାରୁ ରୋଗୀ ଏବଂ ଗର୍ଭବତୀଙ୍କୁ ଖଟିଆ କିମ୍ବା ଭାରରେ ବୋହି ନେଲା ପରେ ୧୦୮ ଆମ୍ବୁଲାନ୍ସରେ ଯାଆନ୍ତି ଡାକ୍ତରଖାନା। ବେଳେ ବେଳେ ରୋଗୀ ତଥା ଗର୍ଭବତୀଙ୍କ ମୃତ୍ୟୁ ମଧ୍ୟ ହେଉଥିବା ଗ୍ରାମର ଆଶା କର୍ମୀ ରାଧି ଦେହୁରୀ ପ୍ରକାଶ କରିଛନ୍ତି। ଅଟୋ କିମ୍ବା ଅନ୍ୟ ଭଡ଼ା ଗାଡି ଉପର ଇରିଡା ନା ଶୁଣିଲେ ଯିବାକୁ ରୋକଠୋକ ମନା କରିଦିଅନ୍ତି। ଫଳରେ ଲୋକ ଚାଲି ଚାଲି ଯିବାଆସିବାକୁ ବାଧ୍ୟ ହୋଇଥାନ୍ତି। ବର୍ଷେ ହେବ ଗାଁର ପ୍ରତି ଘର ଦ୍ୱାର ପାଖରେ ବିଦ୍ୟୁତ ଖୁଣ୍ଟ ପୋତି ତାର ଝୁଲାଯାଇଛି। କିନ୍ତୁ ଅଦ୍ୟାବଧି କରେଣ୍ଟ ଦିଆଯାଇନାହିଁ। ଖୁଣ୍ଟକୁ ଦେଖି ମନ ବୁଝାଉଛନ୍ତି ଲୋକମାନେ।

ସେହିପରି ପାନୀୟଜଳ ପାଇଁ ଲୋକମାନେ ସିଧାସଳଖ ଝରଣା ଉପରେ ଭରସା କରିବାକୁ ବାଧ୍ୟ ହୋଇଥାନ୍ତି। ବିପଦପୂର୍ଣ୍ଣ ଜଙ୍ଗଲ ରାସ୍ତାରେ ଝରଣାକୁ ଯାଇ ଜଳସଂଗ୍ରହ କରନ୍ତି ଗ୍ରାମର ମହିଳା ମନେ। ଝରଣାର ଦୂଷିତ ପାଣିକୁ ପାନୀୟ ଭାବେ ଗ୍ରହଣ କରି ବହୁ ସମୟରେ ରୋଗର ଶୀକାର ହେଉଥିଲେ ହେଁ ଅନ୍ୟ କୌଣସି ଉପାୟ ନାହିଁ। ଗ୍ରାମରେ ପାଞ୍ଚଟି ନଳକୂପ ରହିଥିଲେ ହେଁ ବ୍ୟବହାର ପାଇଁ ଅଯୋଗ୍ୟ। ସେହିପରି ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଥିଲେ ମଧ୍ୟ ତାହା ଅଚଳ ହୋଇ ପଡ଼ିଛି। ଖାଲି ସେତିକି ନୁହେଁ ଶିକ୍ଷା ବ୍ୟବସ୍ଥା ଏଠି ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ। ଗୋଟିଏ ଅର୍ଦ୍ଧନିର୍ମିତ ବିପଦସଙ୍କୁଳ ଘରେ ଚାଲିଛି ୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ା। ଉପରଇରିଡାର ସବୁଠୁ ଶିକ୍ଷିତଙ୍କ ଶିକ୍ଷାଗତ ଯୋଗ୍ୟତା ହେଉଛି +୨। ଏହି ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ନାହିଁ। ଗ୍ରାମର ଶିଶୁ ମାନେ ଦୈନିକ ସୁଷମ ଖାଦ୍ୟ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ପ୍ରାକ୍ ପ୍ରାଥମିକ ଶିକ୍ଷା ଏଠି ସମ୍ପୂର୍ଣ୍ଣ ବନ୍ଦ। ପଞ୍ଚମ ପରେ ପାଠପଢ଼ାର ସୁଯୋଗ ନାହିଁ। ବାହାରେ ପଢ଼ିବାକୁ ହେଲେ ପ୍ରାୟ ୧୦ କିଲୋମିଟର ଦୂର କୁଆଁର ପର୍ଯ୍ୟନ୍ତ ଚାଲିକି ଗଲାପରେ ସେଠାରୁ ବସ୍ ଯୋଗେ ବିଦ୍ୟାଳୟକୁ ଯାଇଥାନ୍ତି।

ପୋଡୁଚାଷରେ ସମ୍ପୂର୍ଣ୍ଣ ନିର୍ଭର ଗ୍ରାମବାସୀଙ୍କ ପାଇଁ ଅନେକ ସମୟରେ ପିତାଳୁ ଏବଂ ଜଙ୍ଗଲୀ ମୂଳ ଭଳି ଜଙ୍ଗଲଜାତ ଦ୍ରବ୍ୟ ଭୋଜନ ଭାବେ ଗ୍ରହଣକରି ଗୁଜୁରାଣ ମେଣ୍ଟାଇଥାନ୍ତି। ଅନ୍ୟପକ୍ଷରେ ଏହି ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ବୃଦ୍ଧ-ବୃଦ୍ଧା ଏବଂ ବିଧବା ମହିଳା ଭତ୍ତା ପାଇବାରୁ ବଞ୍ଚିତ ହୋଇରହିଛନ୍ତି। ସମସ୍ତେ ପ୍ରତିଶ୍ରୁତି ଦେଇ ଭୁଲିଯାଇଛନ୍ତି ଏହି ଗ୍ରାମର ଭତ୍ତା ହିତାଧିକାରୀମାନଙ୍କୁ। ପ୍ରଶାସନ ସାବତ ମା’ ପରି ଏହି ଗ୍ରାମର ବିକାଶକୁ ଦାୟିତ୍ୱ ବୋଲି ନଭାବି ଦୟା ବୋଲି ଭାବୁଥିବାରୁ ଏହି ଗ୍ରାମ ଏଭଳି ଅବହେଳିତ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି।





ପଞ୍ଚମ ପରେ ପାଠ ବନ୍ଦ



## ବ୍ୟବସାୟୀ ଚିତ୍ତରଞ୍ଜନ ବେହେରା ହତ୍ୟାକାଣ୍ଡ ଘଟଣା

# ସାଙ୍ଗ ସାଜିଥିଲା ହତ୍ୟାକାରୀ

■ ୩ ଅଭିଯୁକ୍ତ କୋର୍ଟଚାଲାଣ
■ ଗାଡ଼ିର ମାଲିକାନା ପରିବର୍ତ୍ତନକୁ ନେଇ ହତ୍ୟାକାଣ୍ଡ

ପିଙ୍ଗୁ, ୨୪।୧୧(ସମିସ): ବ୍ୟବସାୟୀ ଚିତ୍ତରଞ୍ଜନ ବେହେରାଙ୍କ ହତ୍ୟା ରହସ୍ୟ ସାମନାକୁ ଆସିଛି। ନିଜ ସାଙ୍ଗ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିବା ଜଣାପଡ଼ିଛି। ଫଳରେ ସାଙ୍ଗ ହିଁ ସାଜିଥିଲା ହତ୍ୟାକାରୀ। ଦୀର୍ଘ ଦିନ ହେଲା ହତ୍ୟା କରିବା ନିମନ୍ତେ ଯୋଜନା କରିଥିଲା। ଶେଷରେ ବିଶ୍ୱକପ୍ ଫାଇନାଲ ଦିନ ଦେଇଥିଲା ଏହି ଘଟଣାକୁ ବାସ୍ତବ ରୂପ। ଏବେ ସାମନାକୁ ଆସିଛି ଚିତ୍ତରଞ୍ଜନଙ୍କ ହତ୍ୟାର ଲୋମଟାଙ୍କୁରା କାହାଣୀ। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ରହିଛି।

ମୃତକ ଚିତ୍ତରଞ୍ଜନ ଜାନୁଗଞ୍ଜ ଗୋଲେଇ ନିକଟରେ ରହୁଥିଲେ। ସେ ପୁରୁଣା ଯାନବାହନ କିଣାବିକା କରିବା ସହିତ ବାଲି, ଇଟା ମଧ୍ୟ କାରବାର କରୁଥିଲେ। ସେ ହୋଟେଲ ମାଲିକ ପ୍ରଫୁଲ୍ଲ ବେହେରାଙ୍କ ନିକଟରୁ ଏକ ୭୦୯ ଗାଡି କିଣିଥିଲେ। ଗାଡିର ଟଙ୍କା ଚିତ୍ତରଞ୍ଜନ ପୁରା ଦେଇ ନଥିବାବେଳେ କିସ୍ତି କରି ଟଙ୍କା ଦେବେ ବୋଲି କଥା ହୋଇଥିଲା। ତେବେ ଗାଡିର ମାଲିକାନା ପରିବର୍ତ୍ତନକୁ ନେଇ ଚିତ୍ତରଞ୍ଜନ ଏବଂ ପ୍ରଫୁଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହେଲେ ପ୍ରଫୁଲ୍ଲ ରଚିଥିଲା ସାଙ୍ଗ ହତ୍ୟାକାଣ୍ଡ ପାଇଁ ଷଡଯନ୍ତ୍ର। ଗତ ରବିବାର ସନ୍ଧ୍ୟାରେ ଭୋଜି କରିବା କହି ଚିତ୍ତରଞ୍ଜନଙ୍କୁ ଗାଡିରେ ବସାଇ କପ୍ତିପଦା ଥାନା ସମୀବୃକ୍ଷ ଅଞ୍ଚଳକୁ ଆଣିଥିଲେ ପ୍ରଫୁଲ୍ଲ। ସେଠାରେ ପ୍ରଫୁଲ୍ଲଙ୍କର ଅନ୍ୟ ତିନି ଜଣ ସାଙ୍ଗ ପୂର୍ବରୁ ଜଗି ରହିଥିଲେ। ୫ ଜଣ ମିଶି ସମୀବୃକ୍ଷ ନିକଟରେ ରୁଟି ଏବଂ ମାଂସ ଖାଇଥିଲେ। ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ, କପ୍ତିପଦା ଥାନା ଦେବଳା ଅଞ୍ଚଳର ଜୟଚନ୍ଦ୍ର ସିଂ, ରସାମୋହନ ସିଂ ଏବଂ ସଞ୍ଜୟ ବାରିକ ମିଳିତଭାବେ ଚିତ୍ତରଞ୍ଜନଙ୍କ ଗଳାକୁ ଏକ କଟୁରୀରେ କାଟିଥିଲେ। ପରେ ଗାତ କରି ପୋତି ଦେଇଥିଲେ। ଏପରିକି ପ୍ରମାଣ ନଷ୍ଟ କରିବା ପାଇଁ ନିକଟସ୍ଥ ଦେବଳା ବଜାରରୁ ୬ କିଲୋ ଲୁଣ ଆଣି ପକାଇ ପୋତି ଦେଇଥିଲେ। ହତ୍ୟା କରିବା ପରେ ହତ୍ୟାକାରୀମାନେ ସାଙ୍ଗରେ ବାଲେଶ୍ୱର ଯାଇଥିବା ବେଳେ ଚିତ୍ତରଞ୍ଜନଙ୍କ ଘର ସାମ୍ନାରେ ପହଞ୍ଚି ତାଙ୍କ ଘରେ ଲାଗିଥିବା ସିସିଟିଭି, ହାର୍ଡଡିସ୍କ, ମାଉସ ଏବଂ କେବୁଲ୍ ଆଦି ଖୋଲି ଆଣି ଉଦଳା ଭୁରୁଡୁବଣି ନିକଟସ୍ଥ ବନ୍ଧରେ ଫୋପାଡି ଦେଇଥିଲେ। ଏହା ବ୍ୟତୀତ ଚିତ୍ତରଞ୍ଜନଙ୍କ ମୋବାଇଲ ଓ ଏଟିଏମକୁ କାଠପାଳ ନିକଟ ସୋନ ନଦୀ ନିକଟରେ ଫୋପାଡି ଦେଇ ପଳାଇଥିଲେ। ବୁଧବାର ପୁଲିସ ସମୀବୃକ୍ଷ ନିକଟରୁ ଏକ ମୃତଦେହ ଉଦ୍ଧାର କରିବା ପରେ ମୃତକଙ୍କ ହାତରେ ଥିବା ଟାଟୁରୁ ପରିଚୟ ମିଳିଥିଲା। ପରିଚୟ ମିଳିବା ପରେ ପୁଲିସ ଖୋଲିଥିଲା ହତ୍ୟାର କାରଣ। ସାମ୍ନାକୁ ଆସିଥିଲା ସାଂଘାତିକ ଷଡଯନ୍ତ୍ରର ଚିତ୍ର। ଯେଉଁଥିରେ ଗାଡିର ମାଲିକାନା ପରିବର୍ତ୍ତନକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ନିଜର ଅନ୍ୟ ସହଯୋଗୀଙ୍କୁ ୫ ହଜାର ଟଙ୍କା ଦେଇଥିବା ବେଳେ ଆହୁରି ୨୦ ହଜାର ଟଙ୍କା ଦେବେ ବୋଲି କହିଥିଲେ। ପୁଲିସ କୋଡି, ଶାବଳ ଜବତ କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀକୁ ଜବତ କରିପାରିନାହିଁ। ତେବେ ଏହି ହତ୍ୟାକାଣ୍ଡରେ ଜଡିତ ଥିବା ଜୟନ୍ତୀପଟ୍ଟା ଅଞ୍ଚଳର ସଞ୍ଜୟ ବାରିକ ଫେରାର ରହିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ଗିରଫ ତିନି ଜଣଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ ସୂଚନା ଦେଇଛନ୍ତି।




## ଗୁଡୁତାରେ ଦୁଲାଲ ପକ୍ଷରୁ ମାଣ୍ଡିଆ ଅମଳ ପର୍ବ




ରାଇରଙ୍ଗପୁର, ୨୪।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଗୁଡୁତାଠାରେ ଦୁଲାଲ ପକ୍ଷରୁ ମାଣ୍ଡିଆ ଅମଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବରେ ଆୟୁଷ ମେଡ଼ିକାଲ୍ ଅଫିସର ଜାମଦା, ବିଏଓ ଜାମଦା ସୁରେନ୍ଦ୍ରନାଥ ଶବର, ସରପଞ୍ଚ ବଡ଼ କୁଲେଇବିରା, ପାଶନା ସରପଞ୍ଚ ମାଳତୀ ଆଲ୍ଡା, ଆଇସିଡିଏସ୍‌ର କର୍ମଚାରୀଗଣ ଅତିଥି ଭାବରେ ଯୋଗଦେଇଥିଲେ। ଦୁଲାଲର ବ୍ଲକ ସଂଯୋଜକ ଆଦିକନ୍ଦ ବେହେରା ଅତିଥି ପରିଚୟ ଦେଇଥିଲେ। ସିଆର୍ପି ଦମୟନ୍ତୀ ହେମ୍ବ୍ରମ, ଟୁକୁରାମ ମହାନ୍ତ, ଦୁଲାରାମ ସୋରେନ୍, ପ୍ରଭାତୀ ଗିରି ପ୍ରମୁଖ ସହଯୋଗ କରିଥିଲେ। ଏବିସି ମଳୟ ରଞ୍ଜନ ଜେନା ଉପସ୍ଥିତ ରହି ଆଦିବାସୀ ବହୁଳ ଅଞ୍ଚଳରେ ଏହି ଅମଳ ପର୍ବ କରାଯାଇପାରୁଥିବାରୁ ଚାଷୀଙ୍କ ମଧ୍ୟରେ ଆନନ୍ଦ ଦେଖିବାକୁ ମିଳୁଛି। ସମାଜସେବୀ ପ୍ରଶ୍ନ କୁମାର ଶତପଥୀ ବାର୍ତ୍ତାଦେଇଥିଲେ ଯେ ଆନ୍ତର୍ଜାତୀୟ ମିଲେଟ ବର୍ଷ ଉପଲକ୍ଷେ ମିଲେଟ୍ ଜାତୀୟ ଖାଦ୍ୟର ଉପକାରିତା ଉପରେ ଦୁଲାଲ ସହାୟତାରେ ଚାଷୀ ମାଣ୍ଡିଆ ଚାଷ କରି କିପରି ଉପକାର ପାଉଛନ୍ତି ସେ ନେଇ ବାର୍ତ୍ତା ଦେଇଥିଲେ। ଏହା ବ୍ୟତୀତ ଅଧିକାରୁ ଅଧିକା ଏହି ସ୍ୱାସ୍ଥ୍ୟୋପଯୋଗୀ ମିଲେଟ୍ ଚାଷ ପ୍ରକ୍ରିୟାରେ ସାମିଲ ହେବାପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ବୀରେଶ୍ୱରପୁରରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ବଡସାହି, ୨୪।୧୧(ସମିସ): ବଡସାହି ବ୍ଲକ ବୀରେଶ୍ୱରପୁର ପଞ୍ଚାୟତରେ ମିଶନଶକ୍ତି ଗୃହ ଉଦଘାଟିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଉପାଧକ୍ଷା କାଞ୍ଚନ ପ୍ରଧାନ ଅତିଥି ଭାବେ ଯୋଗଦେଇ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୃହ ପ୍ରବେଶ ପାଇଁ ପୂଜାପାଠ ବିଧିବିଧାନ ଅନୁସାରେ ସମ୍ପନ୍ନ ହୋଇଥିଲା। ପୂର୍ବତନ ବିଧାୟକ ଶ୍ରୀ ପାତ୍ର ଓ ଉପାଧକ୍ଷା ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମିଶନଶକ୍ତି ମହିଳାଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସନ୍ଧ୍ୟାରାଣୀ ନାଏକ, ସମିତି ସଭ୍ୟା ରୁଚିରଞ୍ଜନା ଆଚାର୍ଯ୍ୟ, ମିଶନ ଶକ୍ତି ସଭାପତି ସୁମତୀ ଖିଲାର, ସମ୍ପାଦିକା ଦେବଶ୍ରୀ କୁଅଁର, ଏମବିକେ ରାଜଲକ୍ଷ୍ମୀ ପାହାଡସିଂ, ପଞ୍ଚାୟତ ସଭାପତି ବୈଦ୍ୟନାଥ ସିଂ, ଚନ୍ଦ୍ରକାନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତିର ମହିଳା, ସମସ୍ତ ସିଆରପି, ଏମବିକେ ଓ ଇସି ସଭ୍ୟ ଉପସ୍ଥିତ ଥିଲେ।



## ଶତାୟୁଙ୍କ ପରଲୋକ



ବଡ଼ସାହି, ୨୪।୧୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡ଼ିହା ପଞ୍ଚାୟତର କୁଳିଅଣା (ବି) ଗ୍ରାମର ଶତାୟୁ ବୃଦ୍ଧ ସୁରେନ୍ଦ୍ର ନାଥ ସିଂହଙ୍କ ଆଜି ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ହୋଇଥିଲା। ସେ ଜଣେ ଧର୍ମପରାୟଣ, ଆଧାତ୍ମିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। ବୟସାଧିକ୍ୟ କାରଣରୁ ସେ ଗତ ୨/୩ ବର୍ଷ ହେବ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଶିକ୍ଷକଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମରଣିକା ଉନ୍ମୋଚିତ

ବୈଶିଙ୍ଗା, ୨୪।୧୧(ସମିସ): ସ୍ୱର୍ଗତ ଗଙ୍ଗାଧର ମିଶ୍ର ଥିଲେ ନଡ଼ପୁରର ବିଶିଷ୍ଟ ପୂଜକ ତଥା କର୍ମକାଣ୍ଡ ବ୍ରାହ୍ମଣ ସ୍ୱର୍ଗତ ରଘୁନାଥ ମିଶ୍ରଙ୍କ ଜ୍ୟେଷ୍ଠପୁତ୍ର ପୁତ୍ର। ସେ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ବୈଶିଙ୍ଗା ଅଞ୍ଚଳର ଆଦର୍ଶ ଶିକ୍ଷକ ଭାବରେ ପରିଚିତ ଥିଲେ। ଶିକ୍ଷକତା ସହିତ ଅବସର ସମୟରେ ମୁଦ୍ରଣ ଶିଳ୍ପର ପ୍ରଗତି ପାଇଁ ୧୯୮୮ରେ ଗଢିଉଠିଥିଲା ଏକ ଛାପାଖାନା; ଯାହା ମା' ଭବାନୀ ପ୍ରିଣ୍ଟର୍ସ' ନାମରେ ପରିଚିତ। ଜିଲ୍ଲାରେ ରହିଥିବା ଅନେକ ଛାପା କାରଖାନା ମଧ୍ୟରେ ମା' ଭବାନୀ ପ୍ରିଣ୍ଟସ ସର୍ବଜନାଦୃତ ଛାପା କାରଖାନା। ଏହି ଛାପାଖାନା ମୟୂରଭଞ୍ଜ ଆଖପାଖର ବହୁ ସ୍ଥାନରୁ ଲେଖକ, ସମ୍ପାଦକ ଓ କବିମାନେ ଆସି ସେମାନଙ୍କ ପୁସ୍ତକ, ପତ୍ରିକା ତଥା ଲିଖିତ କାବ୍ୟମାନ ସୁଲଭ ମୂଲ୍ୟରେ ଛପାଇ ଭାଷା ସାହିତ୍ୟର ବିକାଶ ପାଇଁ କାର୍ଯ୍ୟ କରିଛନ୍ତି। କେବଳ ସେତିକି ନୁହେଁ, ଚାଷ ଅଛି ଯାହାର, କି ଆନନ୍ଦ ତାହାର, ଚାଷୀଭାଇ ଯୋଗାଉଛି ଦୁନିଆକୁ ଆହାର। ଏହାକୁ ଆଧାରକରି ଜଣେ ବିଖ୍ୟାତ ଚାଷୀ ଭାବରେ ମଧ୍ୟ ପରିଚିତ ଥିଲେ। ଏହାବ୍ୟତୀତ ମାନବ ସମାଜର ହିତ ସାଧନ ନିମନ୍ତେ ତଥା ପରିବେଶର ସୁରକ୍ଷା ପାଇଁ ବୃକ୍ଷ ହିଁ ଜୀବନ ନୀତିକୁ ଅବଲମ୍ବନ କରି ଚାରାରୋପଣ କରି ଆନନ୍ଦ ଅନୁଭବ କରୁଥିଲେ। ତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଲେଖକ ତଥା କବି ସମ୍ମିଳନୀରେ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠିତ ସ୍ମୃତି ସଭାରେ ଅତିଥିମାନଙ୍କ ମଧ୍ୟରେ ଗାଳ୍ପିକ ତଥା କବି ଡ. ରମାକାନ୍ତ ସିଂହ, ମୁନି ହରେକୃଷ୍ଣ ସାହୁ, ଶଙ୍କର ଜେନା, ବୃନ୍ଦାବନ ଦାଶ, ଅଜୟ କୁମାର ପାଲ, ରାଜେନ୍ଦ୍ର ସାମଲ ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ଶୈକ୍ଷିକତା, ଉଦାରତା, ଛାତ୍ରବତ୍ସଳ, ଆଦର୍ଶବାଦକୁ ନେଇ ମତପୋଷଣ କରିଥିଲେ। ବିଭିନ୍ନ ବର୍ଗର ଲୋକ ଏହି ସ୍ମୃତିଚାରଣ ସଭାରେ ଯୋଗଦେଇଥିଲେ। ସଭାରେ ତାଙ୍କର ଦୁଇ ପୁତ୍ର ଶୁଭ୍ରାଂଶୁ ମିଶ୍ର, ହିମାଂଶୁ ମିଶ୍ର, ଅରୁଣ ମିଶ୍ର, ବରୁଣ ମିଶ୍ର, ସୂର୍ଯ୍ୟସ୍ନାତ ମିଶ୍ର ଉପସ୍ଥିତ ଥିଲେ।




## ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ; ୪ ଜଣଙ୍କ ନାଁରେ ମାମଲା

ବାରିପଦା, ୨୪।୧୧(ସମିସ): ବାଲେଶ୍ୱର ଜିଲ୍ଲାର ଜଣେ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରଣା କରିବା ଅଭିଯୋଗରେ ବାରିପଦା ଟାଉନ ଥାନା ଅଞ୍ଚଳର ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯୁବକ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସୁନାମୁହିଁ ଅଞ୍ଚଳର ହିମାଂଶୁ ବେହେରା। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଶିମଳା ଥାନା ଅଞ୍ଚଳର ଜୈନିକା ୨୪ ବର୍ଷୀୟା ଯୁବତୀଙ୍କୁ ବିବାହ କରିବା ହିମାଂଶୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ତାଙ୍କୁ ଧମକ ଦେଇ ଗର୍ଭପାତ କରାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ହିମାଂଶୁ ଆଉ ବିବାହ କରିବ ନାହିଁ ବୋଲି ମନାକରି ଦେଇଥିବା ଯୁବତୀ ଜଣକ ସିଂଲା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ଆଦିବାସୀ ହରିଜନ ନିର୍ଯାତନା ଆଇନ ଅନୁଯାୟୀ ସମୁଦାୟ ୪ଜଣ ଯୁବକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ପଚରାଉଚରା ଜାରି ରଖିଛି ବୋଲି ସୂଚନା ମିଳିଛି।

## ଜାତୀୟ ଏକତା ଓ ସଦ୍‌ଭାବନା ସପ୍ତାହ ପାଳିତ

ରାଇରଙ୍ଗପୁର, ୨୪।୧୧(ସମିସ): ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଏକତା ଓ ସଦଭାବନା ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଓ ଆବାହକ ବିଜୟ କୁମାର ରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ଉପସ୍ଥିତ ରହି ଜାତୀୟତାର ମନୋଭାବ ସହିତ ଏକତା ଓ ସଦଭାବନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସେବତୀ ବେହେରା, ରାଜୀବ ପାଲ, ତିଳୋତ୍ତମା ଷମଷଡଙ୍ଗୀ, ସମାପ୍ତିରାଣୀ ଦାସ, ଯଶୋଧରା ମହାନ୍ତ, ରେଣୁକା ମହାନ୍ତ, ଅବନି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## କାଠଫାଳିଆରେ ମରଣାନ୍ତକ ଆକ୍ରମଣ; ଏସ୍‌ପିଙ୍କୁ ଫେରାଦ

ବଡସାହି, ୨୪।୧୧(ସମିସ): ବଡସାହି ଥାନା ଅଧିନ ତାଳପଦା ପଞ୍ଚାୟତ ପାଟପୁର ଗ୍ରାମର ବାଡିରେ ଅବର୍ଜନା ପକାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କୁ କାଠଫାଳିଆରେ ମାରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ସୁଜିତ ସେନ ଓ ତାଙ୍କ ଭାଇ ରଣଜିତ ସେନ। ଗ୍ରାମର ପ୍ରଦୀପ କୁମାର ନାଥଙ୍କ ବାଡିରେ ସେନ ପରିବାର ପକ୍ଷର ଅବର୍ଜନା ପକାଯାଉଥିଲା। ଏହାକୁ ପ୍ରଦୀପ ପ୍ରତିବାଦ କରିବାରୁ ସୁଜିତ ଓ ରଣଜିତ ତାଙ୍କୁ ଗାଳିଗୁଲଜ କରିବା ସହିତ ଏକ କାଠଫାଳିଆରେ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ହେଲେ ପୁଲିସ କେବଳ ମାମଲା ରଜୁ କରି ବସିଥିବାରୁ ପୀଡିତ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ଏ ସଂକ୍ରାନ୍ତରେ ମୟୂରଭଞ୍ଜ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଜଗନ୍ନାଥ ମନ୍ଦିରରେ ବାର୍ଷିକ ଗୀତାଯଜ୍ଞ



କୁଆମରା, ୨୪।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ସ୍ଥିତ ଖିରିପଦା ହରିବଳ ଦେବଜୀଉ ଜଗନ୍ନାଥ ମନ୍ଦିରରେ ଗରୁଡ ଦ୍ୱାଦଶୀ ଓ ପଞ୍ଚୁକ ଅବସରରେ ୧୯ତମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନିର୍ମଳଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ପ୍ରମୋଦକୁମାର ମିଶ୍ର, ପ୍ରବୋଧ କୁମାର ମିଶ୍ରଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ପରିଚାଳନା ହୋଇଥିବା ବେଳେ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଗତ ୨୩ ତାରିଖରେ ଘଟ ଆସି ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨୪ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଛି। ଏଥିରେ ସୂର୍ଯ୍ୟପୂଜା, ଜଗନ୍ନାଥଙ୍କ ସହସ୍ର ନାମ ଓ ଯଜ୍ଞ କୁଣ୍ଡରେ ଗୀତା ଘୃତ ଆହୁତି ପ୍ରଦାନ କରାଯାଇଥିଲା। ପଣ୍ଡିତ ନାରାୟଣ ଆଚାର୍ଯ୍ୟ ମୁଖ୍ୟ ପୁରୋହିତ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବୋତ୍ତର ବିଭାଗ, ବ୍ଲକ ପ୍ରଶାସନ ତଥା ମାନ୍ୟଗଣ୍ୟ ବ୍ୟକ୍ତ ଅତିଥିଭାବେ ଯୋଗଦାନ କରିଥିଲେ।

## ଶିଶୁକନ୍ୟାର ଚିକିତ୍ସା ନିମନ୍ତେ ହାତ ବଢ଼ାଇଲେ ଯୁବନେତା



ବୈଶିଙ୍ଗା, ୨୪।୧୧ (ସମିସ): ବୈଶିଙ୍ଗା ଥାନା ଅଧୀନ ଯୁଗୋଳ ପଞ୍ଚାୟତ ହଳଦୀପଦା ଗ୍ରାମରେ ଯୁବନେତା କରମଚାନ୍ଦ କାଳନ୍ଦୀ ଜଣେ ଶିଶୁକନ୍ୟାର ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଦେବାନନ୍ଦ ସୋରେନ ଓ ଆଶୁ ସୋରେନଙ୍କ ଦେଢବର୍ଷର ଶିଶୁ କନ୍ୟା ବିଷ୍ଣୁପ୍ରିୟାକୁ ଦେଖି ଶ୍ରୀ କାଳନ୍ଦୀ ଦୁଃଖ ପ୍ରକାଶ କରିଥିଲେ। ବିଷ୍ଣୁପ୍ରିୟାର ବାପା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ କିଛି ବର୍ଷ ପୂର୍ବରୁ ଜେଜେ ବାପା ମଧ୍ୟ ମୃତ୍ୟୁ ବରଣକରିଥିବା ଯୋଗୁଁ ଏହି ପୁରୁଷ ଶୂନ୍ୟ ଘରେ କେବଳ ମା ଆଶୁ କାମଧନ୍ଦା କରି ପରିବାର ଭରଣ ପୋଷଣ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଏଭଳି ଏକ ସମ୍ବେଦନଶୀଳ ସ୍ଥିତିରେ ଥିବା ଶିଶୁ କନ୍ୟାର ଚିକିତ୍ସା ପାଇଁ ଶ୍ରୀ କାଳନ୍ଦୀ କିଛି ଆର୍ଥିକ ଅନୁଦାନ ଦେବା ସହିତ ତାର ଯଥା ଶୀଘ୍ର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରିଥିବାର ଜଣାଯାଇଛି। ଗଣମାଧ୍ୟମରୁ ଖବର ପାଇ ଶ୍ରୀ କାଳନ୍ଦୀ ତାଙ୍କ ଘରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି।

## ପେଣ୍ଟିଂରେ ଶ୍ୟାମସୁନ୍ଦର ଓ ସାଧାରଣ ଜ୍ଞାନରେ ଦୀପକ ରାଜ୍ୟସ୍ତରକୁ ମନୋନୀତ



ଜାମଦା, ୨୪।୧୧(ସମିସ): ବାରିପଦାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟକୁ ମନୋନୀତ ହୋଇଛନ୍ତି। ଦଶମ ଶ୍ରେଣୀ ଛାତ୍ର ଶ୍ୟାମସୁନ୍ଦର ମୁର୍ମୁ ପେଣ୍ଟିଂ ଏବଂ ଦୀପକ ସଏ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଉଭୟ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ।

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଅକାଳ ବିୟୋଗ



କୁଆମରା, ୨୪।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ଟିଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଦାଧର ଗଞ୍ଜୁ (୫୮)ଙ୍କ ଅକାଳ ବିୟୋଗ ଘଟିଛି। ସେ ଗତକାଲି ହଠାତ୍ ଅସୁସ୍ଥ ହୋଇ ପଡ଼ିବା ପରେ ପରିବାର ଲୋକେ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ; ହେଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେ ଦୁଇ ବର୍ଷ ହେବ ହୃଦଘାତ ଏବଂ ମଧୁମେହ ରୋଗ ରେ ପୀଡିତ ଥାଇ ଚିକିତ୍ସା ହେଉଥିଲେ। ମୃତ୍ୟୁ ଖବର ପ୍ରଚାର ହେବା ପରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ତେବେ ଶିକ୍ଷା ବିଭାଗ ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବା ସହ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ ବିଇଓ ଅଭିମନ୍ୟୁ ସେଠୀ ଓ ବିଆରସିସି କୁଳମଣି ନାଏକ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ; ୮୪ ପ୍ରକଳ୍ପ ପ୍ରଦର୍ଶିତ

କରଞ୍ଜିଆ, ୨୪।୧୧(ସମିସ): କରଞ୍ଜିଆ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୩ କୁଳପଶି ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗ୍ୟବାନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଆଜି ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଳିପଶି ପଞ୍ଚାୟତ ସରପଞ୍ଚ ସୁକମତି ସର୍ଦ୍ଦାର, ମୁଖ୍ୟବକ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ କରଞ୍ଜିଆ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ବାରିକ୍, ସମ୍ମାନିତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ବିପିନ ବିହାରୀ ବାରିକ୍ ଓ ସୁଭଦ୍ରା ମହାନ୍ତ ପ୍ରଦର୍ଶନୀ ଉଦଘାଟନ କରିଥିଲେ। ସାଂଗଠାନିକ ସମ୍ପାଦକ ଭାଗ୍ୟବାନ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ପରେ ପରେ ଅତିଥି ଗଣ ସମାଜ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଷୟବସ୍ତୁ ଉପରେ ସର୍ବମୋଟ ୮୪ଟି ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିନିଯୋଗ କରି କୃଷି, ପରିବେଶ, ଯୋଗାଯୋଗ, ଗମନାଗମନ ଓ କମ୍ପୁଟେସନାଲ ଇଚ୍ଛାଶକ୍ତି ବିଷୟବସ୍ତୁକୁ ନେଇ ଜୁନିୟର ବିଭାଗର ୨୯ ଓ ସିନିୟର ବିଭାଗର ୫୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ଉଦଯାପନୀ ସଭାର ସଭାପତି କରଞ୍ଜିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ଦଳେଇ, ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାଏକ, ମୁଖ୍ୟ ବକ୍ତା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ଼ ଜ୍ୟୋତିର୍ମୟୀ ତ୍ରିପାଠୀ, ସମ୍ମାନିତ ଅତିଥି ସହଶିକ୍ଷା ଅଧିକାରୀ ଆରତୀ ଦାସ, ରସମତଳା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା, ଝୁମକାକୁଦର ନୂତନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଦୀପ କୁମାର ମହାନ୍ତ ଓ ସାଂଗଠାନିକ ସମ୍ପାଦକ ଭାଗ୍ୟବାନ ମହାନ୍ତ ଯୋଗଦାନ କରି କୁନି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରକଳ୍ପ ନିର୍ମାଣ କରିଥିବା କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଚନ୍ଦନ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।



